ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.154 Bhubaneswar Wednesday Augeust 03 2022 | ୨୫ତମ ବର୍ଷ ସଂଖ୍ୟା-୧୫୪ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ 1.50 (Air Surcharge - 0.50P) Member-INS




ସହୀଦ ନଗର ଦୁର୍ଗାପୂଜା ସମିତି ଓ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଓଡ଼ିଶା ମୋ ପରିବାର ଆବାହକ ଶ୍ରୀ ଅରୁପ୍ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ

## ଏବେ ବର୍ଷକୁ ୪ ଥର ଭୋଟର ପଞ୍ଜିକରଣ ହୋଇପାରିବ

ଝାରସୁଗୁଡ଼ା, ୨।୮(ପି.ଏନ): କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ - ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେ ଗୁଡିଏ ସଂଶୋଧନ କରାଯାଇଛି । ଲୋକ ପ୍ରତିନିଧି ଆଇନ - ୧୯୫୦ ଧାରା ୨୮ ଅନୁସାରେ ଭୋଟର ପଞ୍ଜୀକରଣ ( ସଂଶୋଧନ ) ଆଇନ - ୨୦୨୨ରେ ପଞ୍ଜୀକରଣ କରାହେବ ଏବଂ ଏଥି ସକାଶେ ପଞ୍ଜୀକରଣ ଫର୍ମରେ କେତେକ ସଂଶୋଧନ କରାଯାଇଛି । ରୂପାନ୍ତରିତ ପଞ୍ଜୀକରଣ ଫର୍ମ ୨୦୨୨ ମସିହା ଅଗଷ୍ଟ ୧ତାରିଖରୁ କାର୍ଯ୍ୟକାରୀ ହେବ । ଏହି ମର୍ମରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ମହାବିଦ୍ୟାଳୟ ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ଓ ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ ଉପସ୍ଥିତ ଥିଲେ । ସଂଶୋଧିତ ପଞ୍ଜୀକରଣ ଫର୍ମ ଅନୁସାରେ ଏଣିକି ଫର୍ମ ନଂ ୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯିବ । ପୂର୍ବରୁ ଫର୍ମ ନଂ ୬(କ) ଅନୁସାରେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରବାସୀ ଭାରତୀୟ ଭୋଟରଙ୍କ ଦ୍ୱାରା ଦରଖାସ୍ତ କରାଯାଉଥିଲା ।ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଆଧାର ବିବରଣୀ ଦାଖଲ ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି ।ଏହି ଫର୍ମ ନିର୍ବାଚନ ଆୟୋଗଙ୍କ ୱେବସାଇଟ ଆଦିରେ ଅଗଷ୍ଟ ୧ତାରିଖ ପୂର୍ବରୁ ଉପଲବ୍ଧ । ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କ ଠାରୁ ଆଧାର ବିବରଣୀ ସଂଗ୍ରହ କରାଯିବ । ଫର୍ମ ନଂ ୭ ଅନୁସାରେ ଭୋଟର ତାଲିକାରୁ ନାମ ବାଦ ଦେବା/ ନାମ ଅନ୍ତର୍ଭୁକ୍ତ ଥିଲେ ଆପତ୍ତି-ଅଭିଯୋଗ କରିବା ପାଇଁ ଆବେଦନ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ, ଫର୍ମ ନଂ୮ ଅନୁସାରେ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ, ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ ଓ ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟର ଚିହ୍ନଟ ନିମନ୍ତେ ଉଦ୍ଦିଷ୍ଟ । ପ୍ରଚଳନ କରାଯାଇଥିବା ନିୟମ ଅନୁସାରେ ଏଣିକି ଭୋଟର ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଗୋଟିଏ ଯୋଗ୍ୟତାସୂଚକ ତାରିଖ ପରିବର୍ତ୍ତେ ୪ଗୋଟି ଯୋଗ୍ୟତାସୂଚକ ତାରିଖ ରଖାଯାଇଛି । ଏହି ଅନୁଯାୟୀ ଜାନୁଆରୀ ୧ତାରିଖ, ଅପ୍ରେଲ ୧, ଜୁଲାଇ ୧ତାରିଖ ଏବଂ ଅକ୍ଟୋବର ୧ ତାରିଖ ପଞ୍ଜୀକରଣ ନିମନ୍ତେ ରଖାଯାଇଛି । ନୂତନ ଭାବରେ କାର୍ଯ୍ୟକାରୀ କରାଯାଇଥିବା ନିୟମାବଳୀ ସମ୍ପର୍କରେ ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରାଇବା ସକାଶେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରଘୁନନ୍ଦନ ପାଢ଼ୀ, ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ମନୀଷ ବାଜପାଇ, ସିପିଆଇ ଦଳ ପକ୍ଷରୁ ସାରଂଗଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାୟୋଗ୍ରାଫି ଲେଖିବେ ସନ୍ଦୀପ ସାହୁ

ଭୁବନେଶ୍ୱର, ୨।୮(ପି.ଏନ): ଦେଶର ପଂଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆତ୍ମଜୀବନି ଲେଖାଯିବ। ଓଡିଶାର ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଦ୍ରୌପଦୀ ମୁର୍ମୁଙ୍କ ସଂଘର୍ଷର କାହାଣୀ ଲେଖିବେ। ପ୍ରକାଶନ ସଂସ୍ଥା ପେଙ୍ଗୁଇନ ରେଣ୍ଡମ ହାଉସ ଇଣ୍ଡିଆ(ପିଆରଏଚଆଇ) ମଙ୍ଗଳବାର ଏହି ଘୋଷଣା କରିଛି।'ମ୍ୟାଡମ ପ୍ରେସିଡେଂଟ: ଏ ବାୟୋଗ୍ରାଫି ଅଫ ଦ୍ରୌପଦୀ ମୁର୍ମୁ' ଭାରତର ୧୫ତମ ରାଷ୍ଟ୍ରପତିଙ୍କ ଏହା ପ୍ରଥମ ପ୍ରାମାଣିକ ବାୟୋଗ୍ରାଫି ହେବ। ଏଥିରେ ତାଙ୍କର ବାଲ୍ୟଜୀବନ, ସଂଘର୍ଷ, ରାଜନୈତିକ ଜୀବନ ଏବଂ କାଉନସିଲରରୁ ରାଷ୍ଟ୍ରପତି ପର୍ଯ୍ୟନ୍ତ ଯାତ୍ରା ସବୁ ଉଲ୍ଲେଖ ରହିବ। ଏସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଶ୍ରୀ ସାହୁ କହିଛନ୍ତି, ପେଙ୍ଗୁଇନ ଇଣ୍ଡିଆ ଏ ନେଇ ମୋ ସହ ଯୋଗାଯୋଗ କରିଥିଲେ। ରାଷ୍ଟ୍ରପତିଙ୍କ ଉପରେ ପୁସ୍ତକ ଲେଖାଯିବାର କେତେ ସମ୍ଭାବନା ରହିଛି ପଚାରିଥିଲେ। ପୁସ୍ତକ ଭାରତର ରାଷ୍ଟ୍ରପତି ହୋଇଥିବା ପ୍ରଥମ ଆଦିବାସୀ ମହିଳାଙ୍କ ଉପରେ ଲେଖାଯିବ, ଯାହାଙ୍କ ଜୀବନୀ ବାସ୍ତବରେ ଐତିହାସିକ ରହିଛି।

### ହାଇଦ୍ରାବାଦରେ ଦାଦନ ଶ୍ରମିକ ନିଖୋଜ

ମୁଖୀଗୁଡା, ୨।୮(ପି.ଏନ):ପୁଣି ବାହାର ରାଜ୍ୟ କୁ କାମ କରିବାକୁ ଯାଇ ଜଣେ ଦାଦନ ଶ୍ରମିକ ନିଖୋଜ ହୋଇଥିବା ଜଣାପଡିଛି। ଜୟପାଟଣା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଗୋପବନ୍ଧୁ ନାଏକ(୩୬) ହାଇଦ୍ରାବାଦ ରେ ନିଖୋଜ ଥିବା ତାଙ୍କ ସ୍ତ୍ରୀ ଗୁଣ୍ଡିଚା ନାଏକ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ମୁତାବକ ଗତ ୨୫.୭.୨୨ ସୋମବାର ରିଖ ଦିନ ଗୋପବନ୍ଧୁ ଗାଁ ଲୋକଙ୍କ ସହ ହାଇଦ୍ରାବାଦ କାମ କରିବାକୁ ଯାଇଥିଲେ ।ଶୁକ୍ରବାର ଦିନ ପହଂଚି ଗୁଣ୍ଡିଚା ସହ ଫୋନ ଯୋଗେ କଥା ମଧ୍ୟ ହୋଇଥିଲେ ।କିନ୍ତୁ ପରବର୍ତ୍ତୀ ସମୟରେ ଗୋପବନ୍ଧୁ କୁଆଡେ ନିଖୋଜ ହୋଇଥିବା ଜଣାପଡିଥିଲା ।ଏ ନେଇ ଗୋପବନ୍ଧୁ ଙ୍କ ଭାଇ ହାଇଦ୍ରାବାଦ ଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ଗୋପବନ୍ଧୁ ଙ୍କ କୋଣସି ଖବର ମିଳିପାରି ନାହିଁ ।ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ଗୁଣ୍ଡିଚା ଜୟପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## କଚ୍ଚା ରାସ୍ତାରେ ଆମ୍ବୁଲାନ୍ସ ଯାଉନି ଖଟିଆରେ ବୁହା ହେଉଛି ଗର୍ଭବତୀ

କନ୍ଧମାଳ, ୨।୮(ପି.ଏନ): କନ୍ଧମାଳ ରେ ପୁଣି ଜନନୀ ଯନ୍ତ୍ରଣା। ଖଟିଆ ରେ ବୁହାହେଲେ ଗର୍ଭବତୀ। ବର୍ଷା ସାଙ୍ଗକୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିା ଫଳରେ ଆମ୍ବୁଲାନ୍ସ ଗାଁ କୁ ଯାଇପାରୁନି। ବାଧହୋଇ ରୋଗୀକୁ କେଉଁଠି ଦୋଳାରେ ତ ଆଉ କେଉଁଠି ଖଟିଆରେ ବୁହାହେଉଛି। ଅଭିଯୋଗ ହେଲେ ବି ପ୍ରଶାସନ ଶୁଣୁନି କୁଆଡେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ସାରଙ୍ଗଡ଼ଟେଟେରା ଗାଂ ରେ । ସାରଙ୍ଗଡ଼ ର ଟେଟେରା ଗାଁ ମୂଖ୍ୟ ରାସ୍ତା ଠାରୁ ୨/୩ କିମି ଦୂରରେ ରହିଛି। ଗାଁ କୁ ଯିବାକୁ ପିଚୁ ରାସ୍ତା ନାହିଁ ଏପଟେ କାଳିପେନୁ ନଦୀ ରହିଛି । ଫଳରେ ଗାଁ ର ଅରୂଣ ପ୍ରଧାନ ଙ୍କ ପତ୍ନୀ ଆରତୀ ଙ୍କ ପ୍ରସବ ବେଦନା ହେବାରୁ ତ। ଙ୍କୁ ଆଶାକର୍ମୀ ଓପରିବାର ଲୋକଙ୍କ ସହାୟତାରେ ଦୋଳା ରେ ଆମ୍ବୁଲାନ୍ସ ପାଖକୁ ଆଣି ବାକୁ ପଡିଥିଲା ।ସେଠାରୁ ଆମ୍ବୁଲାଏନ୍ସ ରେ ତାଙ୍କୁ ସାରଙ୍ଗଡ଼ ମେଡିକାଲ ରେ ଭର୍ତ୍ତି କରାଯାଇଥିଲା ଆଉ ସେଠାରେ ଆରତୀ ଏକ ପୁତ୍ର ସନ୍ତାନ କୁ ଜନ୍ମଦେଇଥିଲେ। କେବଳ ଏହି ଗୋଟିଏ ଗାଁ ନୁହେଁ ଜିଲାର ଏକ ହଜାର ରୁ ଉର୍ଦ୍ଧ ଗ୍ରାମ ଏଭଳି ରହିଛି ଯାହାକି ବର୍ଷାଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଗ୍ରାମବାସୀଙ୍କୁ। ସରକାର ଓଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି।

### ଛାତ୍ରୀଙ୍କୁ ଫିଜିକ୍ସ ଅଧ୍ୟାପକଙ୍କ ନିର୍ଯାତନା ଅଭିଯୋଗ, ଉଚ୍ଚଶିକ୍ଷା ବିଭାଗର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୮(ପି.ଏନ): ରାଜଧାନୀ ଉପକଣ୍ଠ ନହରକଂଟା ସ୍ଥିତ ଶ୍ରୀଜୟଦେବ କଲେଜ ଅଫ ଏଜୁକେସନ ଓ ଟେକ୍ନୋଲୋଜିରେ ଅଧ୍ୟାପକଙ୍କ ନାଁ ରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଆସିଛି। କଲେଜର ଯୁକ୍ତ ୩ ବିଜ୍ଞାନ ବିଭାଗ ଛାତ୍ରୀଙ୍କୁ ସମ୍ପୃକ୍ତ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମାସ ମାସ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ହୋଇଛି। ନିର୍ଯାତନାରେ ଅତିଷ୍ଠ ହୋଇ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। କଲେଜ କର୍ତ୍ତୃପକ୍ଷ ଅଭିଯୋଗ ଶୁଣିବା ପରେ ପୋଲିସ୍ ରେ ନଜଣାଇ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲେ। କମିଟିର ମେମ୍ବରମାନେ ପୀଡ଼ିତା ଛାତ୍ରୀ ଓ ଅଧ୍ୟାପକଙ୍କୁ ପଚରାଉଚରା କରିଥିଲେ। ଦୁଇ ଜଣଙ୍କ କଥା ଶୁଣିଲା ପରେ ଘଟଣାର ସତ୍ୟତା ନେଇ ସେଭଳି ଠୋସ ପ୍ରମାଣ ମିଳି ନଥିଲା। ଉଚ୍ଚ ଶିକ୍ଷା ବିଭାଗ ଏନେଇ ରିପୋର୍ଟ ପାଇବା ପରେ ଅଧ୍ୟାପକଙ୍କୁ କୁଚିଣ୍ଡା ବଦଳି କରି ଦିଆଯାଇଛି ।ଗତ ୨୫ ଜୁଲାଇରେ ଛାତ୍ରୀ ଜଣଙ୍କ ଉଚ୍ଚଶିକ୍ଷା ବିଭାଗରେ ହାଜର ହୋଇ ଅଧ୍ୟାପକଙ୍କ ନାଁରେ ଅଭିଯୋଗ କରିଥିଲେ।

## ଓଡିଶା ଫେରିଲେ ଅରବିନ୍ଦ ଓ ଅଶ୍ୱଥି, ଆସନ୍ତା ସପ୍ତାହରେ ଆସିବେ ଉଷା

ଭୁବନେଶ୍ୱର, ୨।୮(ପି.ଏନ): କେନ୍ଦ୍ରୀୟ ଡେପୁଟେସନରେ ଥିବା ଓଡିଶା କ୍ୟାଡରର ୨ଜଣ ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ ଓ ଏସ୍ ଅଶ୍ୱଥି ଓଡିଶା ଫେରିଛନ୍ତି । ଆସନ୍ତା ସପ୍ତାହରେ ଆଇଏଏସ୍ ଉଷା ପାଢ଼ୀ ଓଡିଶା ଫେରିବେ । ଏହି ୩ ଜଣ ବରିଷ୍ଠ ଆଇଏଏସ୍ ଫେରିବା ଓ କିଛି ଆଇଏଏସ୍ ଏବେ କେନ୍ଦ୍ରୀୟ ଡେପୁଟେସନରେ ଯିବାର ଥିବାରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଆଇଏଏସ ସ୍ତରରେ ବଡଧରଣର ଅଦଳବଦଳ ହୋଇପାରେ ବୋଲି ସୂଚନା ମିଳିଛି ।ରାଜ୍ୟ ସାଧାରଣ ପ୍ରଶାସନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ୧୯୯୬ ବ୍ୟାଚ୍ ଆଇଏଏସ୍ ଅରବିନ୍ଦ ପାଢ଼ୀ ନିଜର କେନ୍ଦ୍ରୀୟ ଡେପୁଟେସନ ସାରି ଗତକାଲି ଓଡିଶା ସରକାରରେ ଯୋଗ ଦେଇଛନ୍ତି । ସେହିପରି ୨୦୦୩ ବ୍ୟାଚ୍ ଆଇଏଏସ୍ ଏସ୍ ଅଶ୍ୱଥି ମଧ୍ୟ କେନ୍ଦ୍ରୀୟ ଡେପୁଟେସନ ଅବଧି ସମାପ୍ତ କରି ଓଡିଶା ଫେରିଛନ୍ତି । ଏହି ଦୁଇ ଅଫିସର ୨୦୧୫ ଜୁନ୍ ମାସରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ ଓ ସେମାନେ ୭ବର୍ଷର ଡେପୁଟେସନ ଅବଧି ଶେଷ କରି ଓଡିଶା ଫେରିଛନ୍ତି ।



ଏହି ୨ ଅଫିସରଙ୍କ ସହ ଯାଇଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀ ଆସନ୍ତା ସପ୍ତାହରେ ଓଡିଶା ଫେରିବେ ବୋଲି ସୂଚନା ମିଳିଛି ।ଅନ୍ୟପକ୍ଷରେ ମତ୍ସ୍ୟ ଓ ପଶୁସମ୍ପଦ ସଚିବ ୧୯୯୭ ବ୍ୟାଚ୍ ଆଇଏଫଏସ୍ ଆର ରଘୁପ୍ରସାଦଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଥିବାରୁ ସେ ଆସନ୍ତା ସପ୍ତାହରେ ଓଡିଶା ଛାଡିବେ । ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜିବ ଚୋପ୍ରା ଓ ତାଙ୍କ ପତ୍ନୀ ଆଇଏଏସ୍ ରଞ୍ଜନା ଚୋପ୍ରା, ପଂଚାୟତିରାଜ ସଚିବ ଅଶୋକ କୁମାର ମୀନା, ଅର୍ଥ ସଚିବ ବିଶାଳ ଦେବ କେନ୍ଦ୍ରୀୟ ଡେପୁଟେସନରେ ଯିବାର ସମ୍ଭାବନା ରହିଛି । ତେଣୁ ରାଜ୍ୟ ସରକାର ଆସନ୍ତା ସପ୍ତାହରେ ସଚିବସ୍ତରରେ ବଡଧରଣର ଅଦଳବଦଳ କରିପାରନ୍ତି ବୋଲି ସୂଚନା ମିଳିଛି ।

## ଅଜଣା ରୋଗରେ ଆକ୍ରାନ୍ତ ଅସନପାଟ ଆଶ୍ରମ ସ୍କୁଲର ୨୫ ଛାତ୍ରୀ

କେନ୍ଦୁଝର, ୨।୮(ପି.ଏନ): କେନ୍ଦୁଝରର ଏକ ଆଶ୍ରମ ସ୍କୁଲର ପ୍ରାୟ ୨୫ ଜଣ ଛାତ୍ରୀ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପଡିଛନ୍ତି । ଯାହା ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଏହା କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ଅସନପାଟ ଆଶ୍ରମ ସ୍କୁଲ ର ଘଟଣା । ଏହି ଆଶ୍ରମ ସ୍କୁଲର ୨୫ ଜଣ ଛାତ୍ରୀ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପଡିଛନ୍ତି । ଏ ସଂପର୍କରେ ଜାଣିବା ଓ ଚିକିତ୍ସା ପାଇଁ ଦୁଇଟି ଡାକ୍ତରୀ ଟିମ ସେଠାରେ ଯାଇ ପହଂଚିଛନ୍ତି । ଏଠାରେ ଆକ୍ରାନ୍ତ ଥିବା ସମସ୍ତ ଝିଅ ଛୋଟାଉ ଥିବା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି । ଅଜଣା ରୋଗରେ ଆକ୍ରାନ୍ତ ସମସ୍ତ ଛାତ୍ରୀ ଅନୁସୂଚିତ ବର୍ଗର ହୋଇଥିବା ବେଳେ ସେମାନେ ଏସ.ଏସ. ଡି . ବିଭାଗ ଦ୍ୱାରା ପରିଚାଳିତ । ଏହି ଅସନପାଟ ଆଶ୍ରମ ସ୍କୁଲ ଛାତ୍ରୀବାସରେ ୧୦୦ ଛାତ୍ରୀ ରହୁଛନ୍ତି । ଆଜି ହଠାତ୍ ୨୫ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିବା ସହ ଚାଲିବା ସମୟରେ ସମସ୍ତେ ଛୋଟାଉ ଥିବାର ଦେଖିବାକୁ ମିଳିଥିଲା । ଏ ସଂପର୍କରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତାରାଣୀ ମିଶ୍ର ଖବର ପାଇ ସେଠାକୁ ଶିଶୁ ରୋଗ ବିଶେଷଜ୍ଞ ଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଙ୍କ ନେତୃତ୍ୱରେ ଆଉ ଏକ ଡାକ୍ତରୀ ଟିମ ଘଟଣାସ୍ଥଳକୁ ପାଠାଇଛନ୍ତି । ସେମାନେ ପିଲାଙ୍କ ରକ୍ତ ନମୁନା . ଝାଡା, ପରିଶ୍ରା ଆଦିର ନମୁନା ସଂଗ୍ରହ କରିବା ସହ ସେମାନଙ୍କର ସ୍ୱାସ୍ଥ ପରୀକ୍ଷା କରିଛନ୍ତି । ଏବଂ ଅନୁରୂପ ସ୍ୱାସ୍ଥ ସେବା ଯୋଗାଇ ଦିଆଯାଇଥିବା ସୂଚନା ଦେଇଛନ୍ତି । ଏବଂ ଯେହେତୁ ସମସ୍ତେ ଏକ ପ୍ରକାର ରୋଗରେ ପୀଡିତ ଅଛନ୍ତି ତେଣୁ ଏହା କୌଣସି ଭାଇରାଲ ରୋଗ ହୋଇଥାଇପାରେ ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ମଧ୍ୟ ସ୍କୁଲକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ଜଳସମ୍ପଦ ବିଭାଗରେ ଯୋଗଦେଲେ ୧୦୬ ଜୁନିୟର ଇଂଜିନିୟର


ଭୁବନେଶ୍ୱର, ୨।୮(ପି.ଏନ): ଜଳ ସଂପଦ ବିଭାଗରେ ୧୦୬ଜଣ ନୂତନ ଜୁନିୟର ମେକାନିକାଲ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ସହିତ ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ଦିଗଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଟେକ୍ନୋଲୋଜି ମାଧ୍ୟମରେ ସମସ୍ତେ କାମ କରିବା ଆବଶ୍ୟକ । କଠିନ ପରିଶ୍ରମ ସହ ଫାଇବ-ଟି ଆଧାରରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଛନ୍ତି ନବୀନ ।

## ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨।୮(ପି.ଏନ): ରାଜ୍ୟ ଉପର ଦେଇ ଯାଇଥିବା ମୌସୁମୀ ଟ୍ରଫ୍ ଲାଇନ୍ ବର୍ତ୍ତମାନ ଦୁର୍ବଳ ସ୍ଥିତିରେ ରହିଛି। ସେଥିପାଇଁ ରାଜ୍ୟରେ ମୌସୁମୀ ବର୍ଷାର ସମ୍ଭାବନା ନାହିଁ । ତବେ, ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, କଟକ ଓ ଢେଙ୍କାନାଳ ପ୍ରଭୃତି ୧୮ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା ହେବାର ସମ୍ଭାବନା ରହିଛି।

## ଟେବୁଲ ଟେନିସରେ ଭାରତକୁ ଆଉ ଏକ ସ୍ୱର୍ଣ୍ଣ

ବର୍ମିଂହାମ, ୨।୮(ପି.ଏନ): ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତକୁ ଆଉ ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ଟେବୁଲ ଟେନିସ ଟିମ୍? ସିଙ୍ଗାପୁରକୁ ହରାଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡାରେ ଆଜିର ଦିନରେ ଭାରତର ଏହା ଦ୍ୱିତୀୟ ସ୍ୱର୍ଣ୍ଣ। ଏହା ପୂର୍ବରୁ ଲନ ବଲ ୱମେନ ଫୋରସରେ ଭାରତୀୟ ମହିଳା ଦଳ ଐତିହାସିକ ସ୍ୱର୍ଣ୍ଣ ଜିତିଥିଲା ।ଏବେ ଭାରତୀୟ ପୁରୁଷ ଟେବୁଲ ଟେନିସ ଟିମ୍? ସ୍ୱର୍ଣ୍ଣ ପଦକ ହାତେଇଛି। ଟିଟି ଟିମ୍? ସିଙ୍ଗାପୁରକୁ ୩-୧ରେ ହରାଇ ଦେଇଛି। ୨୦୧୮ରେ ରାଜ୍ୟଗୋଷ୍ଠୀ କ୍ରୀଡାରେ ବି ଭାରତୀୟ ଟିଟି ଟିମ୍? ସ୍ୱର୍ଣ୍ଣ ପଦକ ଜିତିଥିଲା ।ଆଜିର ସ୍ୱର୍ଣ୍ଣ ଲଢ଼େଇର ପ୍ରଥମ ଟାଇରେ ହରମିତ ଦେଶାଇ ଓ ସାଥିୟାନ ଗଣଶେଖରନଙ୍କ ଯୋଡି ୩-୦ରେ ସିଙ୍ଗାପୁରର ୟୋଙ୍ଗ ଇଜାକ କ୍ୟୁ ଓ ୱା ପାଙ୍ଗଙ୍କୁ ହରାଇଥିଲେ। ତେବେ ଦ୍ୱିତୀୟ ଟାଇରେ ଅଭିଜ୍ଞ




ଶରତ କମଲ ୩-୧ ସେଟରେ ହାରି ଯାଇଥିଲେ। ଫଳରେ ସ୍ଥିତି ୧-୧ରେ ବରାବର ହୋଇ ଯାଇଥିଲେ ।ଆଏହାପରେ ସାଥିୟାନ ନିଜର ଏକକ ବର୍ଗରେ ଦମଦାର ପ୍ରଦର୍ଶନ କରି ୩-୧ରେ ଟାଇକୁ ଜିତି ପୁଣି ଭାରତକୁ ଆଗୁଆ କରି ଦେଇଥିଲେ। ୪ର୍ଥ ଟାଇରେ ଦେଶାଇଙ୍କ ମୁକାବିଲା ଶରତ କମଲଙ୍କୁ ହରାଇଥିବା ଝେ ଚେୱିଙ୍କ ସହ ହୋଇଥିଲା। କିନ୍ତୁ ଦେଶାଇ ନିଜର ଜଲୱା ଦେଖାଇ ତାଙ୍କୁ ୩-୦ରେ ପରାସ୍ତ କରି ଦେଇଥିଲେ। ଏଥିସହ ଆଉ ଗୋଟିଏ ଟାଇ ପୂର୍ବରୁ ହିଁ ଭାରତୀୟ ଟିମ୍ ସ୍ୱର୍ଣ୍ଣ ପଦକୁ କବଜା କରି ନେଇଥିଲା।

## ମୃତ ବ୍ୟକ୍ତି ନାମରେ ଟଙ୍କା ଉଠାଇବା ମାମଲାରେ ଦୁଇ ଅଧିକାରୀ ଚାକିରୀ ରୁ ନିଲମ୍ବିତ

ବଲାଙ୍ଗିର, ୨।୮(ପି.ଏନ): ଲୋଇସିଂହା ବ୍ଲକ ଅଧିନସ୍ଥ ଝାରମୁଣ୍ଡା ପଂଚାୟତରେ କିଛିଦିନ ହେଲା ମୃତବ୍ୟକ୍ତି ମାନଙ୍କ ଭତ୍ତା ଟଙ୍କା ଉଠାଣ ବିଷୟକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ପଂଚାୟତ ଯୋଗାଣ ସହାୟକ ହେମନ୍ତ ସାହୁ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଫିସରେ କାର୍ଯ୍ୟରତ ଶ୍ରୀକାନ୍ତ ଗଡ଼ତ୍ୟା ଦୁହେଁ ମିଶି ଝାରମୁଣ୍ଡାର ଅନେକ ମୃତବ୍ୟକ୍ତିଙ୍କ ବର୍ଷ ବର୍ଷ ଧରି ବେଆଇନ ଭାବରେ ଭତ୍ତାଟଙ୍କା ହଡପକୁ ନେଇ ଅଭିଯୋଗ ହୋଇଥିଲା । ଜିଲ୍ଲା ପ୍ରଶାସନର ଉକ୍ତ ଘଟଣାର ତଦନ୍ତ ପରେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗାଣ ସହାୟକ ହେମନ୍ତ ସାହୁ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଗଡ଼ତ୍ୟାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ପଂଚାୟତ ଅଧିନସ୍ଥ ଗ୍ରାମର କେତେକ ମଧୁବାବୁ ପେନସନ ଓ ଏନଏସଏପି ଯୋଜନା ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠି ଥିବାର ନୂତନ ଭାବେ ନିର୍ବାଚିତ ହୋଇଥିବା ସରପଞ୍ଚ ଏ ବିଷୟ ଜାଣିବାକୁ ପାଇଲେ । ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ ପ୍ରଥମ ସମିତି ବୈଠକରେ ଏହି ପ୍ରସଙ୍ଗ ଉଠାଇ ତଦନ୍ତ ପାଇଁ ଦାବି କରିଥିଲେ ।ତଦନ୍ତ ପରେ ପଂଚାୟତର ୫୬ଜଣ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠିଥିବା ଜଣା ପଡିଲା । ଏହାପରେ ଉପ ଜିଲ୍ଲପାଳ ଲମ୍ବୋଦର ଧରୁଆ ସିଡିପିଓଙ୍କୁ ମୃତବ୍ୟକ୍ତିଙ୍କ ତାଲିକା ମାଗିବା ସହ ଲୋଇସିଂହା ବିଡ଼ିଓ ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଂଚାୟତରେ ବଣ୍ଟନ ହୋଇଥିବା ଭତ୍ତା ରେଜିଷ୍ଟର ଜବତ କରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଲେ ।ଏପ୍ରିଲ ରୁ ସେପ୍ଟେମ୍ବର ୨୦୨୧ ଓ ଅକଟୋବର ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଭତ୍ତା ବଣ୍ଟନ ରେଜିଷ୍ଟର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଗଲା । ଏହାପରେ ସୁଦ୍ଧ ସହ ହଡପ ଟଙ୍କା ଅସୁଲି ପାଇଁ ଉପଜିଲ୍ଲପାଳ ବ୍ଲକ ପ୍ରଶାସନକୁ କହିଲେ। ୩ ଲକ୍ଷ ୧୭ ହଜାର ୮ ସହ ଟଙ୍କାଯୋଗାଣ ସହାୟକ ଶ୍ରୀ ସାହୁଙ୍କ ଠାରୁ ଓ ପି. ଏ ଶ୍ରୀ ଗଡ଼ତ୍ୟାଙ୍କ ଠାରୁ ୯୯ ହଜାର ଟଙ୍କା ଅସୁଲି ପାଇଁ ନିର୍ଦ୍ଦେଶ ଦେଲେ । ଉକ୍ତ ଟଙ୍କା ଜୁଲାଇ ୧୧ତାରିଖରେ ବ୍ଲକ ପ୍ରଶାସନ ନିକଟରେ ଜମାଦେଲେ । ଜିଲ୍ଲାପାଳ ଚଞ୍ଚଳ ରାଣା ଦାୟିତ୍ୱରେ ଅବହେଳା କାରଣରୁ ଜୁଲାଇ ୧୬ ତାରିଖ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଆଗଲପୁରକୁ ବଦଳି କରିଛନ୍ତି କ୍ଷ ଜୁଲାଇ ୨୮ରେ ଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୧୬୦୪ରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଓ ୧୬୦୬ରେ ଯୋଗାଣ ସହାୟକଙ୍କୁ ଚାକିରୀରୁ ବହିସ୍କୃତ କରିଥିବା ଭାରପ୍ରାପ୍ତ ବିଡ଼ିଓ ବିଜୟ କୁମାର ହୋତା ପ୍ରକାଶ କରିଛନ୍ତି । ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଆସୁଛି ଯେ ଲୋଇସିଂହା ବ୍ଲକ ଝାରମୁଣ୍ଡା ପଂଚାୟତରେ ଏଭଳି ଘଟଣା ଘଟିଛି ତାହା ନୁହେଁ ବ୍ଲକର ଅନ୍ୟାନ୍ୟ କେତୋଟି ପଂଚାୟତରେ ମଧ୍ୟ ଏଭଳି ଘଟଣା ଘଟି ଥାଇପାରେ ଏଣୁ ପ୍ରଶାସନର ଦୃଷ୍ଟି ସହ ତଦନ୍ତର ଆବଶ୍ୟକତା ରହିଛି ।

## ଅବକାରୀ ବିଭାଗ ସକ୍ରିୟ ୨୦ ଲିଟର ମଦ ଜବତ ସହିତ ଜଣେ ଗିରଫ

ବଲାଙ୍ଗିର, ୨।୮(ପି.ଏନ): ପାଟଣାଗଡ଼ ଉପଖଣ୍ଡ ବେଲପଡା, ଖପ୍ରାଖୋଲ, ପାଟଣାଗଡ଼ ଆଦି ବ୍ଲକ ରେ ପ୍ରଚୁର ପରିମାଣରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଏକ୍ସନ ମୁଡ୍ ରେ ଆସିଛନ୍ତି ପାଟଣାଗଡ଼ ନୂତନ ଭାବେ ଯୋଗଦେଇ ଥିବା ଅବକାରୀ ବିଭାଗ ଅଧିକାରୀ ସତ୍ୟ ନାରାୟଣ ଦାସ । ଶ୍ରୀ ଦାସ ଗତ ୨.୭.୨୨ ରେ ଯୋଗଦାନ କରିଥିଲେ । ତାଙ୍କ ଯୋଗଦାନ ର ମାତ୍ର ଏକ ମାସ ମଧ୍ୟରେ ୨୨ ଟି ମଦମାଫିଆ କୁ ଗିରଫ କରି କୋର୍ଟ ଚାଲାଣ କରି ପାଟଣାଗଡ଼ ଅବକାରୀ ବିଭାଗର ରେକର୍ଡ ସୃଷ୍ଟି କରିଛନ୍ତି । କୌଣସି ରାଜନୈତିକ ଚାପକୁ ଖାତିର ନକରି ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି। ପରଦିନ ପାଟଣାଗଡ଼ ଓ ଖପ୍ରାଖୋଲ ଥାନା ଅଇଁଲାପାଲି ଓ ଡଙ୍ଗିଆବାହାଲ ଗ୍ରାମ ର ପୃଥକ୍ ପୃଥକ୍ ଭାବରେ ଚଢ଼ାଉ କରି ତିନି ମଦମାଫିଆଙ୍କୁ ଗିରଫ କରି କୋର୍ଟ ଚାଲଣା ନକରିବା ପୂର୍ବରୁ ବିଲମ୍ବିତ ରାତିରେ ହଠାତ୍ ଜଣେ ପ୍ରଭାଶାଳୀ ନେତା ଆସି ଛାଡ଼ି ଦିଅନ୍ତୁ କହି ଧମକ ଦେଇଥିଲେ। ତଥାପି ଅବକାରୀ ଅଧିକାରୀ ଶ୍ରୀ ଦାସ ଖାତିର ନକରି ସେମାନଙ୍କୁ କୋର୍ଟ ଚାଲାଣ କରି ବୁଦ୍ଧିଜୀବୀ ଓ ସାଧାରଣ ଜନତା ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏହି ପରି ଆଜି ଭୋରରୁ କୌଣସି ସୂତ୍ରରୁ ଖବର ପାଇ ଖପ୍ରାଖୋଲ ଥାନା ବାଘଝରନ ଗାଁ ର ଯଦୁମଣି ବରିହା ଙ୍କ ଘରେ ଚଢ଼ାଉ କରି ୨୦ ଲିଟର ରନ୍ଧା ମଦ ଜବତ କରିବା ସହ ବାଇକ୍ କୁ ଜବତ କରି ପାଟଣାଗଡ଼ ଅବକାରୀ ଷ୍ଟେସନ କୁ ଆଣି ଅବକାରୀ କେଶ୍ ନମ୍ବର ୭୩ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପାଟଣାଗଡ଼ ଅବକାରୀ ଅଧିକାରୀ ସତ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି। ତାଙ୍କର ଏକ୍ସନ ମୁଡକୁ ଦେଖି ବେଆଇନ ନିଶା କାରବାର କରୁଥିବା ମାଫିଆ ମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଥିବା ବେଳେ ପାଟଣାଗଡ଼ ଉପଖଣ୍ଡ ରେ ଅଧିକାରୀ ଙ୍କ ଏପରି ପଦକ୍ଷେପ ପାଇଁ ବେଆଇନ ନିଶା କାରବାର ବନ୍ଦ ହେବା ଆଶା ପ୍ରକଟ କରାଯାଉଛି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପନ୍ତୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଶକ୍ତି ପରମ୍ପରାରେ ବିରଜା ପୁସ୍ତକ ଉନ୍ମୋଚିତ

ଯାଜପୁର (ପିଏନ୍): ଓଡ଼ିଶା ସରକାରଙ୍କ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରକାଶନ ଓ ପ୍ରଣୟନ ସଂସ୍ଥା ଦ୍ୱାରା ପ୍ରକାଶିତ ବିରଜା ସଂସ୍କୃତି ଗବେଷକ ଡଃ ଜ୍ଞାନରଂଜନ ପତିଙ୍କ ରଚିତ ପୁସ୍ତକ 'ଶକ୍ତି ପରମ୍ପରାରେ ବିରଜା' ଶୀର୍ଷକ ପୁସ୍ତକ ଲୋକାର୍ପଣ ଉତ୍ସବକୁ ଉଦ୍‌ଘାଟନ କରି ଡଃ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର ବିରଜା ହିଁ ଭାରତୀୟ ଶାକ୍ତ ଚେତନାର ଅଦ୍ୟ ପ୍ରକାଶ ଅଟନ୍ତି ବୋଲି କହିଥିଲେ। 'ଯଜ୍ଞ ପ୍ରଭା'ର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯାଜପୁରର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନି କକ୍ଷରେ ରବିବାର ଦିନ ଏହି ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥିରୂପେ ଯୋଗଦେଇ କହିଥିଲେ ପ୍ରାଚୀନ ତିର୍ଥ କ୍ଷେତ୍ର ଯାଜପୁର ପ୍ରାଚୀନତମା ବିରଜା ଦେବୀଙ୍କ ପାଇଁ ଭୂବନ ବିଦିତ ଅଟେ। ସାରସ୍ୱତ ସାଧକ ତଥା ଭାଷା ବିଷାରଦ ଡଃ ଅନ୍ତର୍ଯ୍ୟାମୀ ମିଶ୍ର ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗଦେଇ ବିରାଜ ପୀଠ ହେଉଛି ଭାରତର ଅଦ୍ୟା ଶକ୍ତି ପୀଠ ଭାବେ ସୁପ୍ରସିଦ୍ଧ ଅଟେ। ଅଦ୍ୟା ଶକ୍ତି ବିରଜାଙ୍କ ମହିମା ତଥା ରହସ୍ୟ ଜାଣିବାରେ ଡଃ ପତିଙ୍କ ପୁସ୍ତକ ହିଁ ପାଠକରି ଗବେଷକ ମାନଙ୍କର ଅନେକ ସଂଶୟ ଦୂର କରିପାରିବ। ପୁସ୍ତକ ପ୍ରକାଶ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଧଳ ଯୋଗଦେଇ କହିଥିଲେ ଏହି ପୁସ୍ତକ ଯାଜପୁରବାସୀଙ୍କ ଘରେ ରହିବା ଉଚିତ। ଯାଜପୁରର ଐତିହ୍ୟ ସଂସ୍କୃତି ବିଷୟରେ ଏହିଭଳି ଗ୍ରନ୍ଥର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୁସ୍ତକର ଲେଖକ ଡଃ ଜ୍ଞାନରଂଜନ ପତି ନିଜ ପୁସ୍ତକର ପ୍ରତି ପାଦ୍ୟ ବିଷୟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଏହି ପୁସ୍ତକଟି ମା'ବିରଜାଙ୍କର ମହିମା ପ୍ରସାର ତଥା ଛାତ୍ର, ଗବେଷକ ପାଠକମାନଙ୍କର ସଂଶୟ ଦୂର କରିପାରିବେଲ ଶ୍ରମ ସାର୍ଥକ ହେବ। ବରେଣ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ବିରଜା ଭୂମି ଯାଜପୁରର ଐତିହ୍ୟ ଓ ସଂସ୍କୃତିର ପ୍ରସାର ନିମନ୍ତେ ବିଦ୍ୟ ବିଦ୍ୱାନ ମାନେ ସତ୍‌ଚେଷ୍ଟା ହେବା ବୋଲି କହିଥିଲେ। ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର ପ୍ରତ୍ୟେକ ଯାଜପୁର ବାସୀ ମା'ବିରଜା ତଥା ଜନ୍ମ ମାଟିର ପ୍ରଚ୍ଚର ଓ ପ୍ରସାର ନିମନ୍ତେ ବ୍ରତୀ ହେବା ଉଚତ୍ ବୋଲି କହିଥିଲେ। ସମାରୋହର ପ୍ରାରମ୍ଭରେ ପଣ୍ଡିତ ଅନିରୁଦ୍ଧ ପଣ୍ଡା ବେଦପାଠ କରିଥିବା ବେଳେ ମିନକେତନ ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିବୃନ୍ଦ ଡଃ ପତିଙ୍କ ଶକ୍ତି ପରମ୍ପରା ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ପଣ୍ଡିତ ଗଦାଧର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଯାଜପୁର ବରିଷ୍ଠ ବୁଦ୍ଧିଜୀବୀ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ସହିତ ବନବିହାରୀ ମହାପାତ୍ର, ନୃସିଂହ ଚରଣ ମହାପାତ୍ର, ଆନନ୍ଦ ଚରଣ ସାହୁ, ନିତ୍ୟାନନ୍ଦ ପଣ୍ଡା, ହରିହର ସ୍ୱାଇଁ, ପଣ୍ଡିତ ପ୍ରମୋଦ ଦାଶ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ପ୍ରମୋଦ କୁମାର ନାୟକ, ବୈଦ୍ୟନାଥ ପଣ୍ଡା, ପାଣ୍ଡବ ଚରଣ ସାହୁ, କ୍ଷୀରୋଦ ଚନ୍ଦ୍ର ପାଠୀ, ଅଜୟ କୁମାର ନନ୍ଦ, ମନୋରଂଜନ ପତି, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ନବକିଶୋର ଦାଶ, ଅଖିଳ ଦାଶ, ଆଡ୍‌ଭୋକେଟ୍ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ପ୍ରଫେସର ବଟକୃଷ୍ଣ ମହାପାତ୍ର, ନଟବର ଦାସ, ରମାକାନ୍ତ ବରାଳ, ରବିନ୍ଦ୍ର କୁମାର ପରିଡ଼ା, ସୁଧାଂଶୁ ଶେଖର ପତି, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ବସନ୍ତ କୁମାର ପତି, ହରେକୃଷ୍ଣ ପାଣିଗ୍ରାହୀ, ତପନ କୁମାର ମହାରଣ୍ୟ, ରବିପ୍ରସାଦ ସାମଲ, ନିହାର ରଂଜନ ପତି, ପ୍ରମୋଦ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ସଂଗୀତ ନିର୍ଦ୍ଦେଶକ ଦିନେଶକୁମାର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ମା'ବିରଜାଙ୍କ ଭକ୍ତି ସଂଗୀତ ଗାନ କରାଯାଇଥିଲା।

# ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ଦାବି



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ଗରିବ ତଥା ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏ ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିନିଧି ଦଳ ବିଡ଼ିଓ ପ୍ରଭାକର ପଣ୍ଡାଙ୍କୁ ସାକ୍ଷାତ କରି ପଞ୍ଚାୟତର କିଛି ସମସ୍ୟା ବାବଦରେ ଆଲୋଚନା କରିବା ସହିତ ୬୮ ଜଣ ହିତାଧିକାରୀଙ୍କ ନାମ ତାଲିକା ସମ୍ବଳିତ ଆବେଦନ ପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଶିଶୋ ଗ୍ରାମରେ ଥିବା ଗୋଚର କିସମ ଜମିରେ ପ୍ରସ୍ତାବିତ ନୂତନ ଶ୍ମଶାନ ନିର୍ମାଣ ନକରି ପୂର୍ବରୁ ଥିବା ପୁରାତନ ଶ୍ମଶାନର ଉନ୍ନତିକରଣ ପାଇଁ ସଦସ୍ୟମାନେ ଦାବି କରିଥିଲେ। ଏହି ଅବସରରେ କେଦାରନାଥ ଜେନା, ସାଗରିକା ନାଥ, ଶରତ ପ୍ରଧାନ, ତପନ ସ୍ୱାଇଁ, ପ୍ରଦୀପ ସାହୁ, ଯତୀନ ସାମନ୍ତରାୟ, ମନୋରଂଜନ ପଣ୍ଡା, ବାବୁଲି ପଟ୍ଟନାୟକ, ବିନୟ ସ୍ୱାଇଁ, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗାଘରେ ବିତୁଛି ଜୀବନ



ଫୁଲନଖରା (ପିଏନ୍)-ସରକାରଙ୍କ ତମାମ ଯୋଜନା ସତ୍ତ୍ୱେ ଏବେ ମଧ୍ୟ ଅନେକ ହିତାଧିକାରୀ ଗୃହ ନିର୍ମାଣ ଯୋଜନାର ସୁଫଳ ପାଉନାହାନ୍ତି। ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୋଠାପାଟଣା ମୌଜାର ଦଳିତ ଶ୍ରେଣୀର ପ୍ରତାପ ସାମଲ ଦୀର୍ଘ ବର୍ଷ ହେଲା ଚାଳ ଛପର ଘରେ ରହୁଥିଲାବେଳେ ତାଙ୍କ ପାଇଁ ପକ୍କା ଘର ସାତ ସପନ ହୋଇଛି। ବାସଗୃହ ଖଣ୍ଡେ ପାଇବାକୁ ବହୁ ଲୋକଙ୍କୁ ନେହୁରା ହୋଇ ସେ ନିରାଶ ହୋଇଛନ୍ତି। ଭଙ୍ଗା ଦଦରା କଚ୍ଚା ଘରେ ପ୍ରତାପ ଓ ତାଙ୍କ ପତ୍ନୀଙ୍କ ସହିତ ମା' ଓ ଦୁଇ ପିଲା ରହୁଛନ୍ତି। ଟ୍ରଲି ଚଳାଇ ସେ ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଚଳେ; ଭଲ ଘରଟିଏ କରିବାକୁ ସେ ସମ୍ପୂର୍ଣ୍ଣ ଅକ୍ଷମ। ଦାରିଦ୍ର୍ୟ ସୀମାରେଖାର ଅତି ନିମ୍ନରେ ଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ସରକାରୀ ଘରଟିଏ ମିଳିପାରିନାହିଁ। ସେହିପରି ପାଇଖାନା ଓ ବିଦ୍ୟୁତ ସଂଯୋଗ ନଥିବାରୁ ପ୍ରତାପଙ୍କ ପରିବାର ନାହିଁ ନଥିବା ଅସୁବିଧାରେ କାଳ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କା ଘର ଯୋଜନାରେ ତାଙ୍କୁ ସାମିଲ କରି ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୟାଳିଶମୌଜା ବିକାଶ ପରିଷଦର ମେଧା ସମ୍ମାନ ଉତ୍ସବ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜାର ଅଗ୍ରଣୀ ସାମାଜିକ ସଂଗଠନ ବୟାଳିଶମୌଜା ବିକାଶ ପରିଷଦର ଏକବିଂଶ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ଝାରକଟା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଡି.ପି.ଚୌଧୁରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଅମ୍ବର କୁମାର କର ଏବଂ ବିଶିଷ୍ଟ ଚଳଚିତ୍ର ଗବେଷକ ସୂର୍ଯ୍ୟ ଦେଓ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପରିଷଦର ପୂଜ୍ୟପୂଜା ପରମ୍ପରା ଅନୁଯାୟୀ ବୟାଳିଶମୌଜାର ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୟାଳିଶମୌଜା ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରିଥିବା ସ୍ୱର୍ଗତଃ ମଧୁସୂଧନ ପତିଙ୍କୁ ମରଣୋତ୍ତର "ବୟାଳିଶମୌଜା ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସଫଳ ଚାଷୀ ଭାବେ ତ୍ରିଲୋଚନ ଜେନା, ବୃକ୍ଷବନ୍ଧୁ ଭାବେ ଅର୍ଣ୍ଣବ କୁମାର ପତି, ସଫଳ କ୍ରୀଡାବିତ ଭାବେ ଦୀନବନ୍ଧୁ ଦାସ, ଆଦର୍ଶ ଶିକ୍ଷକ ଭାବେ ପିତାମ୍ବର ମହାନ୍ତି, କଳା ସଂସ୍କୃତି ସମ୍ମାନରେ ପ୍ରଦ୍ୟୁମ୍ନ କିଶୋର ଦେବଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତ ବର୍ଷ ପରିଷଦର ଶ୍ରେଷ୍ଠ ସଭ୍ୟ ଭାବେ ଧୀରେନ୍ଦ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ବିକାଶ ପରିଷଦର ମୁଖପତ୍ର ଉପଦେଷ୍ଟା ପ୍ରମୋଦ ମହାପାତ୍ରଙ୍କ ସମ୍ପାଦକତ୍ୱରେ "ପଲ୍ଲିଶ୍ରୀ" ପ୍ରକାଶିତ ହୋଇ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚଳିତ ମାଟ୍ରିକ ପରୀକ୍ଷାରେ ଇଂରାଜୀରେ ସର୍ବାଧିକ ନମ୍ବର ରଖିଥିବା ୩ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବିତ୍ ଲୋକନାଥ ବାରିକ ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ସାହିତ୍ୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଙ୍କୁ ମହନୀ ଦେବୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା ଏବଂ ସଂସ୍କୃତରେ ୯ଜଣ ଛାତ୍ରଛାତ୍ରୀଙ୍କୁ କୈଳାସନାଥ ଦୀକ୍ଷିତ ସ୍ମୃତି କମିଟି ତରଫରୁ ସମ୍ମାନୀତ କରାଯାଇଥିଲା। ବୟାଳିଶମୌଜା ବ୍ୟତିରେକ କଟକସଦର ଅଂଚଳର ୧୬ଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ବୟାଳିଶମୌଜାର ୮୦ ପ୍ରତିଶତ ମାର୍କ ରଖିଥିବା ୯୮ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯିବା ସହିତ +୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କରୀନା ମିଶ୍ରଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ତୃତୀୟ ଏବଂ ପଂଚମ ଶ୍ରେଣୀ ବୃତି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ଦିଆଯାଇଥିଲା। ପରିଷଦର ଉପସଭାପତି ଗୌତମ ଚରଣ ପରିଡା, ଉପଦେଷ୍ଟା ଇଂ. ଅଶୋକ ବିଶ୍ୱାଳ, ଅଧ୍ୟାପକ ସେକ କଲ୍ଲିମୁଲ୍ଲା, ଗଣେଶ୍ୱର ଦାଶ, ସୁରେଶ ଚନ୍ଦ୍ର ଦେବତା, ନିକୁଞ୍ଜ ସ୍ୱାଇଁ, ଭଜକୃଷ୍ଣ ଲେଙ୍କା, ପ୍ରମୋଦ ମହାପାତ୍ର, ସାଗର କାନୁନଗୋ, ଅଶୋକ କୁମାର ମହାନ୍ତି, ସୁଜନ ରାଉତ, ଅକ୍ଷୟ ମୁଦୁଲି, ପ୍ରସନ୍ନ ଦଳାଇ, ବିଶ୍ୱଜିତ ପାଣି, ଦିପ୍ତିରଂଜନ ଶତପଥି, ସୁଜିତ କୁମାର ପତି, ସ୍ମୃତିଧର ପତି, ସଞ୍ଜୟ ବେହେରା, ରବିନ୍ଦ୍ର ଦେବତା, ତ୍ରିଲୋଚନ ଦଳାଇ, ବସନ୍ତ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)-ସାହିତ୍ୟରେ ସମାଜକୁ ଦେଖିହୁଏ। ଏହା ଏକ ରୁଚିବନ୍ତ କଳା। କଳ୍ପନାରୁ ଏହାର ଜନ୍ମ, ବାସ୍ତବତାରେ ଏହାର ପ୍ରସାର। ଜ୍ଞାନର ଗନ୍ତାଘର ସାହିତ୍ୟ। ସତ୍ ଓ ଅସତ୍‌ର ବିଚାର ସାହିତ୍ୟରେ ହୋଇଥାଏ। ଜ୍ଞାନର ଦିଗ୍‌ବଳୟ ସାହିତ୍ୟ ପାଠରେ ସମ୍ପ୍ରସାରିତ ହୋଇଥାଏ। ଏହି ଆଭିମୁଖ୍ୟକୁ ନେଇ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସୃଷ୍ଟି। ସମାଜର ଉତ୍ତର ପିଢୀଙ୍କୁ ନିଜ ମାତୃଭାଷା ତଥା ମା' ମାଟିପ୍ରତି ଅନୁରାଗ ଜାଗରଣ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ ଅହରହ ଚେଷ୍ଟା କରିଚାଲିଛି। ପ୍ରତି ମାସର ଶେଷ ରବିବାର ଦିନ ଖୋର୍ଦ୍ଧା ସାହିତ୍ୟ ସମାଜ ତାର ଆଲୋଚନାଚକ୍ର କରିଥାଏ। ସେହିପରି ସ୍ଥାନୀୟ ଗୀତାଭବନ ପରିସରରେ ତା'ର ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡକ୍ଟର ସୁରେଶ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ଉପ-ସଭାପତି ଶିକ୍ଷାବିତ ପ୍ରଫୁଲ କୁମାର ସାମନ୍ତରାୟ, ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସମ୍ପାଦକ ଜ୍ଞାନରଂଜନ ଦାସ, ଡକ୍ଟର ନୀଳାଦ୍ରୀନାଥ ଜଗଦେବ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, କବି ନିଶିକାନ୍ତ କହଲସିଂହ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରରେ କିପରି ସାହିତ୍ୟର ବିକାଶ ହେବାସହ ଉତ୍ତରପିଢୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବା ସହ ଏଥିରେ ବହୁଳ ଭାବରେ ଯୋଗଦେଇ ସାହିତ୍ୟ ତଥା ଜିଲ୍ଲାର ଐତିହ୍ୟ ଓ ପରମ୍ପରାକୁ ବିକଶିତ କରିବେ, ସେଥିପ୍ରତି ବିହିତ ପଦକ୍ଷେପ ନିଆଯିବ। କବି ନିଶିକାନ୍ତଙ୍କ ପରାମର୍ଶାନୁସାରେ ବିଭିନ୍ନ କଲେଜର ସାହିତ୍ୟ ପ୍ରତି ଅନୁରକ୍ତ ଥିବା ପିଲାମାନଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲ। ଶେଷରେ ଡକ୍ଟର ନୀଳାଦ୍ରୀନାଥ ଜଗଦେବ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ପକ୍ଷରୁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଯାଜପୁର ଜିଲ୍ଲା ଲଙ୍ଗୁଳି ମଠ ଠାରେ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଳାସୁଣୀର ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍, ଓଳାଶୁଣୀ ଗୁଂଫା ଉନ୍ନୟନ ଟ୍ରଷ୍ଟ ଓ ଶ୍ରୀ ସତ୍ୟସାଇ ସେବା ସମିତି,ପଲେଇ ସହଯୋଗରେ ଏହି ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ବାଲିଚନ୍ଦ୍ରପୁରର ତହସିଲଦାର ତଥା ସଭାପତି ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍ ପ୍ରଦୀପ କୁମାର ସେଠୀ, ସତ୍ୟସାଇ ସେବା ସମିତି ପଲେଇର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ପାରାଦୀପ ଲେଡିଜ୍ କ୍ଲବ୍‌ର ଉପସଭାନେତ୍ରୀ ସୁଚିସ୍ମିତା ବୋଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡାଙ୍କ ସମେତ ପାରାଦୀପ ବନ୍ଦରର ଚିକିତ୍ସକ ଓ ସହଯୋଗୀମାନେ ହଜାରେରୁ ଊର୍ଦ୍ଧ୍ୱ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଶିବିରାର୍ଥୀମାନଙ୍କର ଇସିଜି ଓ ରାପିଡ୍ ଗ୍ଲୁକୋଜ୍ ଟେଷ୍ଟ କରିଥିଲେ। କୋଭିଡ୍-୧୯ର ନିୟମାବଳୀ ପାଳନ କରାଯାଇ ଏହି ଶିବିରର ଆୟୋଜନ କରାଯାଇଥିଲା। ପାରାଦୀପ ବନ୍ଦର ତାର ସିଏସ୍ଆର୍ ଦାୟିତ୍ୱବୋଧ ପାଳନ କରି ଅଂଚଳବସୀଙ୍କ ସେବା ପାଇଁ ସବୁବେଳେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସିଛି ବୋଲି ବନ୍ଦର ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ଏହି ଧାରା ଆଗାମୀ ଦିନରେ ବଜାୟ ରହିବ ବୋଲି ଶ୍ରୀ ହରନାଦ କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ପ୍ରୟାସ ପକ୍ଷରୁ ବୃକ୍ଷରୋପଣ

ଚଣ୍ଡିଖୋଲ (ପିଏନ)-ଯାଜପୁର ଜିଲ୍ଲାର ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଅତିଥିଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଯୋଗଦେଇ ନିଜ ହାତରେ ବର ଓ ଅଶ୍ୱତ୍‌ଥ ଗଛ ଲଗାଇଥିଲେ ଓ ପରେ ଅନୁଷ୍ଠାନର ସଭ୍ୟମାନେ ଶତାଧିକ ବର ଅଶ୍ୱତ୍‌ଥ ଗଛ ଲଗାଇଥିଲେ। ଅନୁଷ୍ଠାନର ସଭ୍ୟମାନେ ଗଛକୁ କିପରି ଗୋରୁମାନଙ୍କ ନିକଟରୁ ସୁରକ୍ଷିତରେ ରଖାଯାଇପାରିବ ସେଥିପାଇଁ ସଭ୍ୟମାନେ ଗଛ ଚାରିପଟେ ସୁରକ୍ଷା ବାଡ ଦେଇଥିଲେ। ଆଗକୁ ଏହି ବୃକ୍ଷରୋପଣ କାର୍ଯ୍ୟ ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ଖାଲିସ୍ଥାନ ମାନଙ୍କରେ ଲଗାଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି। ଅନୁଷ୍ଠାନର ଏପରି କାର୍ଯ୍ୟକୁ ତହସିଲଦାର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଭାରତଭୂଷଣ ପଣ୍ଡା, ବସନ୍ତ ପଲେଇ, ପ୍ରତାପ ଗୋଛାୟତ, ଭାବାତୋଷ ବିଶ୍ୱାଳ, ମାନସ ରାଉତ ଓ ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ବାରାହା ଉଜାଡୁଛି ପରିବା ଫସଲ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକର ପରିଛଳ, ଗୋଡା, ଦଲକ, ବାସୁଦେବପୁର, ମଲ୍ଲିପଦର, ବଡବେରଣା ଓ କଂଟାବାଡ ଆଦି ଗ୍ରାମମାନଙ୍କରେ ଚାଷୀ ବିଲରେ ପନିପରିବା ଚାଷ କରି ବେଶ ଦୁଇ ପଇସା ପାଇ ନିଜ ପରିବାରକୁ ଚଳାଇଥାନ୍ତି। ଏହି ପନିପରିବା ଚାଷ ସମୟରେ ଜଙ୍ଗଲୀ ବାରାହା ଖାଦ୍ୟ ଅନ୍ୱେଷଣରେ ଆସି ପରିବା ଫସଲକୁ ନଷ୍ଟ କରୁଥିବାର ଦେଖିବାକୁ ମିଳୁଛି। ଏ ନେଇ କଂଟାବାଡ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ପରିବା ଚାଷୀ ପ୍ରଭାତ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ଯେ ଏଇ କିଛିଦିନ ହେବ ବାରାହାଙ୍କ ଉତ୍ପାତରେ ଫସଲ ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବୀ କରିଛନ୍ତି।

# କେନ୍ଦ୍ରାପଡାରେ ଖୋଲିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ନ୍ୟାୟାଳୟ ପରିସରରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାଜଜ ଗୋପାଳ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଏହି ସ୍ୱତନ୍ତ୍ର ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ବାଳ ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ଗୁଡିକର ତୁରନ୍ତ ଫଇସଲା ପାଇଁ ଏହି ଅଦାଲତ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ସହ ଜିଲ୍ଲାରେ ବାଳ ଅପରାଧକୁ ନିୟନ୍ତ୍ରଣ ଦିଗରେ ଏହା ସହାୟକ ହୋଇପାରିବ ବୋଲି ଜିଲ୍ଲାଜଜ ଶ୍ରୀ ବେହେରା ଏହି ଅବସରରେ କହିଥିଲେ। ଏହି ସ୍ୱତନ୍ତ୍ର ଅଦାଲତର ସ୍ୱତନ୍ତ୍ର ନ୍ୟାୟାଧିକାରୀ ଭାବେ ପ୍ରଣତୀ ପଟ୍ଟନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ତ୍ରୀବିକ୍ରମ କେଶରୀ ଚିନାରା, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସମସ୍ତ ବିଚାର ବିଭାଗୀୟ ଜଜ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୃବଚରଣ ଜେନା, ସଂପାଦକ ଜୀତେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡ଼କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟରେ ଥିବା ପୁରୁଣା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ଏହି ନୂତନ ଗୃହ ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମ ଦ୍ୱାରା ନିର୍ମାଣ କରାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ହରେଶ ପାଣ୍ଡେ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ସନ୍ଧ୍ୟାରାଣୀ ବେହୁରା, ଡିଏସପି କାର୍ତ୍ତିକ ମଲ୍ଲିକ, ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ନିକିରାଇ ଥାନା ଅଧିକାରୀ କାଦମ୍ବିନୀ ପରିଡା ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଟକସଦର ବିଜେଡିର ମିଶ୍ରଣ ପର୍ବ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜା ସ୍ଥିତ କଳପଡା କଲ୍ୟାଣୀ ମଣ୍ଡପରେ କଟକସଦର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମାଲକାନଗିରି ବିହନ ନିଗମ ଅଧ୍ୟକ୍ଷ ଇଶ୍ୱର ପାଣିଗ୍ରାହି ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ମାଲକାନାଗିରି ଜିଲ୍ଲା ସଭାପତି ରାଜେନ୍ଦ୍ର ପଣ୍ଡା, ମାଲକାନାଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ପ୍ରମୁଖ ଯୋଗ ଦେଇଥିଲେ। କଟକସଦର ଅଂଚଳର ପ୍ରାୟ ୩୪୦ଜଣ ବିଜେପି ଏବଂ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଯୁବ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସଦର ଅଂଚଳର ବିକାଶଧାରାରେ ଖୁସିବ୍ୟକ୍ତ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ପରିଡା, ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, କଟକସଦର ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ପାତ୍ର, ବରିଷ୍ଠ ବିଜେଡି କର୍ମୀ ମନୋଜ ନାୟକ, ବିଦ୍ୟାଧର ପାତ୍ର, ଜୀବନ ସାମନ୍ତରାୟ, ରଜନୀ ସାହୁ, ସମର ବେହେରା, ଶରତ ରାୟ, ଯୁବ ସଭାପତି ହିମାଂଶୁ ଦାସ, ଛାତ୍ର ସଭାପତି ସତ୍ୟସିଦ୍ଧାନ୍ତ ଦାସ, ୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ପ୍ରମୁଖ ଉପସ୍ଥିତ ରହି ମିଶ୍ରଣ ପର୍ବକୁ ସାଫଲ୍ୟମଣ୍ଡିତ କରିଥିଲେ।

# ଲଗାଣବର୍ଷାରେ ଚନ୍ଦନପୁର ମୁସଲିମ ବସ୍ତି ଜଳବନ୍ଦୀ: ଜଳ ନିଷ୍କାସନ ପାଇଁ ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମପଞ୍ଚାୟତର ଚନ୍ଦନପୁର ମୁସଲିମ ବସ୍ତିଟି ଲଗାଣ ବର୍ଷା ଫଳରେ ଜଳବନ୍ଦୀ ହୋଇଯାଇଛି। ରାସ୍ତାପାଣିରେ ବୁଡିଯିବା ସହ ଲୋକଙ୍କ ଘରେ ପାଣି ପଶିଯାଇଥିବା ଅଭିଯୋଗ ହୋଇଛି। ସେହି ବର୍ଷାଜଳ ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇନଥିବାରୁ ସାଧାରଣ ଲୋକ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୭ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ପ୍ରମୁଖ ଜଳବନ୍ଦୀ ଥିବା ବସ୍ତିର ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ କେନ୍ଦ୍ରାପଡାର ଭାରପ୍ରାପ୍ତ ବିଡିଓ ଅଶୋକ ମହାନ୍ତି ଏବଂ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଏ ସମ୍ପର୍କରେ ଜଣାଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ସେହି ଅଞ୍ଚଳରେ ଥିବା ଜବରଦଖଲକୁ ମୁକ୍ତ କରାଯିବା ସହ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ଓ ଡ୍ରେନ ନିର୍ମାଣ ପାଇଁ ଉଭୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।




# ଜନବସତି ନିକଟରେ ବର୍ଜ୍ୟବସ୍ତୁ ନିକ୍ଷେପ ସ୍ଥଳିକୁ ନେଇ ଅସନ୍ତୋଷ



ଖୋର୍ଦ୍ଧା,(ପିଏନ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ଜ୍ୟବସ୍ତୁ ପରିଚାଳନା ଓ ତତ ଜନିତ ପରିବେଶ ପରିମଳ ସ୍ୱଚ୍ଛତା ଉପରେବିଶେଷ ଗୁରୁତ୍ୱ ପ୍ରଦାନ କରି ଉଭୟ ଗ୍ରାମାଚଂଳ ଓ ସହରାଚଂଳ ମାନଙ୍କରେ ଜନବସତି ଠାରୁ ବହୁ ଦୂରରେ ବର୍ଜ୍ୟବସ୍ତୁ ନିକ୍ଷେପଣସ୍ଥଳୀ ମାନ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଆସୁଛନ୍ତି ।ପ୍ରାୟତଃ ବହୁ ଯାଗାରେଏହି ନିର୍ମାଣ ସ୍ଥଳୀରେ ସ୍ଥାପନକୁ ନେଇ ଅସନ୍ତୋଷ ସହ ବିରୋଧର ଆଭାସ ଦେଖିବା ମିଳୁଛି ।ତେବେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମର ବଜାର ନିକଟରେ ବଗାୟତ ୨ କିସମ ଯାଗାରେ ପଂଚାୟତ କର୍ତ୍ତୁପକ୍ଷ ଏଭଳି ଜନଗହଳି ପୂର୍ଣ୍ଣ ଯାଗାରେ ଠିକାଦାର ମାନଙ୍କୁ କାମ ଦେବା ବାହାନାରେ ମନ୍ଦ ଉଦ୍ଦେଶ୍ୟ ରଖି ଜୋର ଜବରଦସ୍ତ ଡମ୍ପିଂ ୟାର୍ଡ ନିର୍ମାଣ କରାଯିବାର ଯୋଜନା ରହିଛି ।ପ୍ରକାଶ ଥାଉକି ଉପରୋକ୍ତ ଯାଗାରେ ଅଂଚଳର ସର୍ବ ପୁରାତନ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମୋ କ୍ଲବ ବହୁ ବର୍ଷ ଧରି ଚାରା ପ୍ରସ୍ତୁତ କରିବା ସହ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ମାନଙ୍କୁ ବିନା ମୂଲ୍ୟରେ ଚାରା ଯୋଗାଇ ଦେଇ ଆସୁଛି ।ଏହାକୁ ଯୁବକ ମାନେ ସିମେଂଟ ଖୁଂଟ ସହ ତାର ବାଡ କରି ଚାରାର ସୁରକ୍ଷା ନିମନ୍ତେ ନିବୁଜ କରିଛନ୍ତି । ଏ ନେଇ ପଂଚାୟତ କର୍ତ୍ତୁପକ୍ଷଙ୍କ ଲୋଲୁପ ଦୃଷ୍ଟି ପକାଇ ତାର ବାଡ ଓ ସିମେଂଟ ଖୁଂଟ ଭାଙ୍ଗି ଡମ୍ପିଂୟାର୍ଡ କରିବା ନିମନ୍ତେ ହୀନ ଉଦ୍ୟମ ଜାରି ରଖିଛନ୍ତି । ଏ ସମ୍ବନ୍ଧରେ କ୍ଲବର କର୍ମକର୍ତା ଓ ସଭ୍ୟମାନେ ଲିଖିତ ଆକାରରେ ସ୍ଥାନୀୟ ବେଗୁନିଆ ତହସିଲଦାର ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବା ସହ ପଂଚାୟତ କର୍ତ୍ତୁପକ୍ଷଙ୍କୁ ନିବୃତ କରାଇ ଶାନ୍ତି ଶୃଙ୍ଖଳା ସ୍ଥାପନ ପାଇଁ ନିବେଦନ କରିଛନ୍ତି ।ଅନ୍ୟ ପକ୍ଷରେ ଡମ୍ପିଂ ୟାର୍ଡକୁ ଉକ୍ତ ଯାଗାରେ ନ କରି ଅନ୍ୟତ୍ର ଦୂରବର୍ତି ସ୍ଥାନରେ କରାଗଲେ ପରିବେଶ ସ୍ୱଚ୍ଛ ହେବା ସହ ସରକାରଙ୍କ ଯୋଜନାଟି ଫଳପ୍ରଦ ହୋଇ ପାରନ୍ତା ବୋଲି ସଚେତନ ନାଗରିକ ମାନେ ମତ ଦେଇଛନ୍ତି ।ଯଦି ଏହି ସ୍ଥାନରେ ଡମ୍ପିଂ ୟାର୍ଡ ନିର୍ମାଣ କରାଯିବ ତେବେ ଏହାକୁ ବିରୋଧ କରି ଏକ ଜନ ଆନ୍ଦୋଳନରେ ପରିଣତ ହେବ ବୋଲି କ୍ଲବର ସଭ୍ୟମାନେ କ୍ଷୋଭର ସହିତ ପ୍ରକାଶ କରିଛନ୍ତି ।

## ପାରାଦୀପ ବେଳାଭୂମିରେ ବାଣିଜ୍ୟ ମେଳା ଉଦ୍‌ଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ସାଗର ବେଳାଭୂମି ବିଜୁ ମଇଦାନଠାରେ ମଙ୍ଗଳବାର ଦିନ ସଂଧ୍ୟାରେ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି । ପାରାଦୀପର ପୌରପାଳ ବସ' ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବାଣିଜ୍ୟ ମେଳାକୁ ଉଦଘାଟନ କରିଥିଲେ । କରୋନା ମହାମାରୀ କଟକଣା ପରେ ସମସ୍ତ ମେଳା, ମହୋତ୍ସବ,ଯାତ୍ରା ଆଦି ବନ୍ଦ ରହିଥିଲା । ବ୍ୟବସାୟୀମାନେ ଅତି କଷ୍ଟରେ ଦିନ କାଟୁଥିଲେ । ହେଲେ କଟକଣା ହଟିବା ପରେ ପ୍ରାୟ ଦୁଇ ବର୍ଷ ପରେ ପାରାଦୀପ ସମୁଦ୍ର ବେଳାଭୂମିରେ ଆରମ୍ଭ ହୋଇଛି ଏହି ବାଣିଜ୍ୟ ମେଳା । ମଙ୍ଗଳବାର ସଂଧ୍ୟାରେ ଏହି ମେଳା ଆରମ୍ଭ ହେବା ବେଳକୁ ପାରାଦୀପବାସୀମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି । ଏହି ମେଳାରେ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଆୟୋଜକଙ୍କୁ ନିବେଦନ କରିଥିଲେ । ତଦନୁଯାୟୀ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରାଯିବାକୁ ଆୟୋଜକ ଗିରିଧାରୀ ଲେଙ୍କା ପ୍ରତିଶୃତି ଦେଇଥିଲେ । ମେଳାକୁ ପ୍ରବେଶ କରିବା ସମୟରେ ସମସ୍ତଙ୍କୁ ମାସ୍କ ଓ ସାନିଟାଇଜର ବାଧ୍ୟତାମୂଳକ କରାଯାଇଛି । ଆୟୋଜକଙ୍କ ପକ୍ଷରୁ ମେଳାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସ୍କ ପ୍ରଦାନ କରାଯାଉଥିବା ବେଳେ ହାତ ସାନିଟାଇଜ୍ କରାଯାଉଛି । ଏହି ମେଳା ଆସନ୍ତା ୧୫ ତାରିଖ ପର୍ଯ୍ୟ' ଚାଲିବ ବୋଲି ଜଣାପଡିଛି ।

# ସାହିତ୍ୟ ସୌରଭ ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ଐତିହାସିକ ସତ୍ୟବାଦୀ ବଳିଆରସିଂହ



ଖୋର୍ଦ୍ଧା, (ପି.ଏନ): ବିଶିଷ୍ଟ ଐତିହାସିକ, ଶିକ୍ଷାବିତ୍ ତଥା ସମାଜସେବୀ ସତ୍ୟବାଦୀ ବଳିଆରସିଂହଙ୍କୁ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଶବରୀ ପକ୍ଷରୁ ଶବରୀ ସାହିତ୍ୟ ସୌରଭ ସମ୍ମାନ ପ୍ରଦାନ କରାଯାଇଛି । ବରିଷ୍ଠ ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ତଥା ଶବରୀର ପ୍ରତିଷ୍ଠାତା ଓଡ଼ିଶୀ ନୃତ୍ୟଗୁରୁ ସଂଘମିତ୍ରା ପରିଡ଼ାଙ୍କ ସଂଯୋଜନାରେ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ। ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପୂର୍ବତନ ବିଚାରପତି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆଇନ ପରାମର୍ଶଦାତା ସଂଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶ୍ରୀ ବଳିଆରସିଂହଙ୍କୁ ମାନପତ୍ର ଉପଢୌକନ ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀ ବଳିଆରସିଂହ ସ୍କୁଲରେ ପଢିବା ଦିନ ଠାରୁ ସାହିତ୍ୟ ସାଧନାରେ ମଗ୍ନ ହେବା ସହ ସେ ଶିକ୍ଷକତାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ। ପିଲାଙ୍କୁ ଭଲ ମଣିଷ ଭାବେ ଗଢିବା ସହ ନିଜ କଲମରେ ଇତିହାସ ସମ୍ବନ୍ଧୀୟ ଗବେଷଣା ଓ ସେ ସମ୍ପର୍କୀୟ ଲେଖାକୁ ଗୁରୁତ୍ୱ ଦେଇଥିଲେ। ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ପୁତୁରା ଭାବେ ରଣପୁର ଇତିହାସକୁ ଲୋକଲୋଚନକୁ ସେ ଆଣିଥିଲେ। ଏଥିସହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ବହୁ ଲୁକ୍କାୟିତ ତଥ୍ୟକୁ ସେ ସାମ୍ନାକୁ ଆଣିବା ସହ ଜାତୀୟ ସ୍ତରରେ ଔପଚାରିକ ଭାବେ ଘୋଷଣା ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ରାଜ୍ୟର ବହୁ ସାମାଜିକ ତଥା ସାଂସ୍କୃତିକ ସଂଗଠନ, ସାହିତ୍ୟ ସଂସଦ ତଥା ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ବିଶେଷ ଭୂମିକା ରହିଛି। ଶହୀଦ ରଘୁ ଦିବାକର, ରଣପୁର ବିଦ୍ରୋହ, ରଣପୁର ଇତିହାସ, ଲାଲମାଟିର କବିତା, ଜାତିର ଏକତା- ତ୍ରିରଙ୍ଗା ପତାକା, ଆମ ଜାତୀୟ ପତାକା, ନିର୍ବାଚନ: ଖୋର୍ଦ୍ଧା ଜିଲ୍ଲା, ଅତୀତରୁ ଏଯାବତ୍- ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ, ପର୍ଯ୍ୟଟନରେ ଓଡ଼ିଶାର ଶାକ୍ତ ଓ ଶୈବପୀଠ, ଦୀନ ଜନତାର ସାଥୀ-ହୃଷୀକେଶ ମୁଖୀ, ଅନାଇ ରହିଛି ଗଡ଼ ଗଡ଼ଖାଇ, ଖୋର୍ଦ୍ଧା ଇତିହାସର ଅନ୍ତୁଡ଼ିଶାଳ: ବରୁଣେଇ ଆଦି ବହୁ ପୁସ୍ତକ ରଚନା କରି ସେ ଓଡ଼ିଶା ବାଣୀଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି। ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ଶବରୀ ସାହିତ୍ୟ ସୌରଭ ସମ୍ମାନ ପାଇଁ ତାଂକୁ ଅଭିନନ୍ଦନ ଜଣାଇଛନ୍ତି।

# ଡଃ ଅରୁନ୍ଧତୀ ଦେବୀଙ୍କୁ ବୀର ବାଜି ରାଉତ ସମ୍ମାନ :୨୦୨୨ ପ୍ରଦାନ

ନୂଆଦିଲ୍ଲୀ, (ପି.ଏନ): ବିଶିଷ୍ଟ ସମାଜସେବୀ ଏବଂ ଶୋଭାନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କୁ ଚଳିତ ବର୍ଷର ବୀର ବାଜି ରାଉତ ସମ୍ମାନ ପ୍ରଦାନ କରାଯାଇଛି। ସମାଜର ସବୁକ୍ଷେତ୍ରରୁ ଅଶୋଭନୀୟତାର ଦୂରୀକରଣ ଏବଂ ଜନକଲ୍ୟାଣ ନେଇ ତାଙ୍କର ଜୀବନତମାମ ଅବଦାନ ସକାଶେ ଡଃ ଦେବୀଙ୍କୁ ଏହି ସମ୍ମାନନୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଥିବା ଜଣାଯାଇଛି। ଉତ୍କଳ ଭାରତୀ ପତ୍ରିକା ତରଫରୁ ଜାତୀୟସ୍ତରରେ ପ୍ରତିଷ୍ଠିତ ଏହି ସମ୍ମାନ, ବାଜିରାଉତଙ୍କର ସ୍ମୃତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମୁକ୍ତ ଶିକ୍ଷା ବିଦ୍ୟାଳୟ ଠାରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ର ଅବସରରେ ଡଃ ଦେବୀଙ୍କୁ ପ୍ରଦାନ କରାଯାଇଛି ।ଜାତୀୟ ଶିକ୍ଷା ନୀତି ୨୦୨୦ : ଭାରତର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ସମ୍ପର୍କରେ ଏକ ଶୈକ୍ଷିକ ଅନୁଶୀଳନ ଶୀର୍ଷକ ଏହି ବିଚାରଗୋଷ୍ଠୀରେ ଦେଶର ବହୁ ଲବ୍ଧପ୍ରତିଷ୍ଠ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ ଏବଂ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟର ନେତୃବୃନ୍ଦ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧନ କରି ଡଃ ଅରୁନ୍ଧତୀ ଦେବୀ, ବାର ବର୍ଷର ବାଳୁତ ବାଜି ରାଉତଙ୍କର ମହାନ ବଳିଦାନ ପ୍ରକୃତ ଦେଶପ୍ରେମ, ପ୍ରଗାଢ଼ ଦେଶଭକ୍ତି ଏବଂ ପ୍ରଶସ୍ତ ଦେଶସେବାର ନିଦର୍ଶନ ଥିଲା ବୋଲି ଉଲ୍ଲେଖ କରିଥିଲେ। ବାଜିଙ୍କର ଦେଶମାତୃକା ପାଇଁ ଚରମ ତ୍ୟାଗ, ଆମର ଯୁବପିଢିଙ୍କୁ ଯୁଗ ଯୁଗ ଧରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରିତ ଓ ଉତ୍ସାହିତ କରୁଥିବ ବୋଲି ଡଃ ଦେବୀ ପ୍ରକାଶ କରିଥିଲେ। ସଭାରେ ଉଦବୋଧନ ଦେଇ ସମ୍ମାନିତ ଅତିଥି, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରଦେଶ ରାଜଧାନୀ ଭୁବନେଶ୍ୱର ଏବଂ ଜାତୀୟ ରାଜଧାନୀ ଦିଲ୍ଲୀ ଠାରେ ବାଜି ରାଉତଙ୍କର ଭବ୍ୟ ସ୍ମାରକ ନିର୍ମାଣ କରାଯିବାକୁ ନିବେଦନ କରିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଡି.କେ ଗିରି ସମାଜରୁ ଦ୍ୱନ୍ଦ ଓ ଦ୍ୱିବିଧାର ଦୂରୀକରଣ ନେଇ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଆଲୋଚନା ଚକ୍ରର ଅଧକ୍ଷ ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ବାଜି ରାଉତଙ୍କର ବାଳିଦାନକୁ ଇତିହାସରେ ଲିପିବଦ୍ଧ କରାଯିବା ଉଦ୍ଦେଶ୍ୟରେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ରାକେଶ ପାଣ୍ଡେ ଭାରତରେ ପ୍ରଚଳିତ ଧାର୍ମିକ ଗଣତନ୍ତ୍ରର ଉପାଦେୟତା ଉପରେ ଆଲୋକପାତ କରିଥିଲେ।

# ପାରାଦୀପରେ ବୁଷ୍ଟର ଡୋଜ୍ ଟୀକାକରଣ




ପାରାଦୀପ,(ପି.ଏନ): ଆଜାଦି କା ଅମୃତ ମହୋତ୍ସବର ଅଂଶ ଭାବେ ଦେଶବାସୀଙ୍କୁ ୭୫ ଦିନ ମାଗଣାରେ ବୁଷ୍ଟର ଡୋଜ୍ ଦେବାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ତଦନୁଯାୟୀ ପାରାଦୀପ ବନ୍ଦର ହସପିଟାଲ୍, ଅଠରବାଙ୍କୀ ମେଡିକାଲ ଓ ଷଣ୍ଢକୁଦ ମେଡିକାଲରେ ୧୮ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିମାନଙ୍କୁ ଟୀକାକରଣ କରାଯାଉଛି । ଏହି ପରିପ୍ରେକ୍ଷିରେ ମଙ୍ଗଳବାର ଦିନ ବନ୍ଦର କର୍ମଚାରୀ, ଠିକା କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ମାଗଣା ବୁଷ୍ଟର ଡୋଜ୍ ଟୀକାକରଣ ଆରମ୍ଭ ହୋଇଛି । ଏହି ଅବସରରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ୍ ବନ୍ଦର ଚିକିତ୍ସାଳୟରେ ଆନୁଷ୍ଠାନିକ ଭାବେ ଏହି ଟୀକାକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, ଏହା ଦେଶରେ କୋଭିଡ୍ ଲଢେଇକୁ ଆହୁରି ସଶକ୍ତ କରିବା ସଙ୍ଗେ ସଙ୍ଗେ ଅତିରିକ୍ତ ସୁରକ୍ଷାସ୍ତର ଯୋଗାଇବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ୍, ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଟୀକାକରଣ କାର୍ଯ୍ୟକ୍ରମ ମୁଖ୍ୟ ଚିକିତ୍ସାଧିକାରୀ ଡା. ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି । ସେହିପରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ୍ ଚିକିତ୍ସାଳୟ ଠାରେ ବୁଷ୍ଟର ଡୋଜ୍ ଟୀକା ପ୍ରଦାନ କରାଯାଇଛି। ଏଥିନିମନ୍ତେ ଅଠରବାଙ୍କୀ ମେଡିକାଲ୍ ଠାରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଟରେ ଟୀକାକରଣର ବନ୍ଦୋବସ୍ତ କରାଯାଇଥିଲା । ସେଠାରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ସହିତ ଟୀକା ନେଇଥିଲେ । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମ୍ବାଦିକଙ୍କୁ ବୁଷ୍ଟର ଡୋଜ୍‌ର ବ୍ୟବସ୍ଥା କରିଥିବାରୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ବୋଲବମ୍ବ ଭକ୍ତଙ୍କ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ: ହିନ୍ଦୁ ଜାଗରଣ ମଂଚ

ଭୁବନେଶ୍ୱର,(ପି.ଏନ): ଭଦ୍ରକର ଗୁଜିଦରଡାର ଏକ ମସଜିଦ ସାମନାରେ ବୋଲବମ୍ବ ଭକ୍ତମାନଙ୍କ ଉପରେ ଯେଉଁପରି ଆକ୍ରମଣ ହୋଇଛି ତାହାକୁ ହିନ୍ଦୁ ଜାଗରଣ ମଂଚ,ଓଡିଶା ତରଫରୁ ଘୋର ନିନ୍ଦା କରାଯାଇଛି ।

ଏହି ଆକ୍ରମଣରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଂଚର ରାଜ୍ୟ ସଂଗଠନ ସଂପାଦକ ତନ୍ମୟ କୁମାର ଦାଶ ଏକ ପ୍ରେସ ବିବୃତିରେ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି ଯେ, ବୋଲ ବମ୍ବ ଭକ୍ତମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦିଆଯାଉ ।


2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday August 03, 2022 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୦୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପ୍ରଥମ ଥର ପାଇଁ ନାବେଟ୍ କ୍ୟୁସିଆଇ ର୍ୟାଙ୍କିଂ : କିଟ୍ ପଲିଟେକ୍ନିକ ରାଜ୍ୟରେ ପ୍ରଥମ



ଭୁବନେଶ୍ୱର,(ପି.ଏନ): କ୍ୟୁସିଆଇ ନାବେଟ ର୍ୟାଙ୍କିଂରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକ୍ନିକ୍ ଓଡ଼ିଶାର ପ୍ରଥମ ସ୍ଥାନ ଅଧିକାର କରିଛି। ସଂପ୍ରତି ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଉପରେ ରାଜ୍ୟ ସରକାର ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା ଗୁଣାତ୍ମକ ପଲିଟେକ୍ନିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବାଛିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ନେଇ ପ୍ରଥମ ଥର ଲାଗି ଉଦ୍ୟମ କରାଯାଇଛି। କ୍ୱାଲିଟି କାଉନ୍ସିଲ୍ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ର ନ୍ୟାସନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର ଏଜୁକେସନ୍ ଆଣ୍ଡ ଟ୍ରେନିଂ (ନାବେଟ୍), ଷ୍ଟେଟ୍ କାଉନ୍ସିଲ୍ ଫର ଟେକ୍ନିକାଲ୍ ଏଜୁକେସନ୍ ଓ ଭୋକେସନାଲ୍ ଟ୍ରେନିଂ ପକ୍ଷରୁ ପ୍ରଥମ ଥର ଲାଗି ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍ନିକ ଶିକ୍ଷାନୁଷ୍ଠାନର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ଏହି ର୍ୟାଙ୍କିଂ ପ୍ରଦାନ କରାଯାଇଛି। ଆଜି ଷ୍ଟେଟ୍ କାଉନ୍ସିଲ୍ ମୁଖ୍ୟାଳୟଠାରେ ର୍ୟାଙ୍କିଂରେ ସ୍ଥାନ ପାଇଥିବା ଅନୁଷ୍ଠାନଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଗୌରବର ବିଷୟ କିଟ୍ ପଲିଟେକ୍ନିକ୍ ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହି ଖବରରେ କିଟ୍ ପଲିଟେକ୍ନିକ୍ର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। କିଟ୍ ପଲିଟେକ୍ନିକ୍ ଏକ ବେସରକାରୀ ଅନୁଷ୍ଠାନ ହୋଇଥିବା ସତ୍ତ୍ୱେ ଉଭୟ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ଅନୁଷ୍ଠାନକୁ ଅତିକ୍ରମ କରି ପ୍ରଥମ ସ୍ଥାନରେ ରହିପାରିଛି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ପଲିଟେକ୍ନିକର ଅଧକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା କେବଳ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ସମ୍ଭବ ହୋଇଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି। କିଟ୍ ପଲିଟେକ୍ନିକ ବାସ୍ତବିକ ଏକ ଉଚ୍ଚ ମାନର ପଲିଟେକ୍ନିକ୍। ଏଠାରେ ଗୁଣାତ୍ମକ ଶିକ୍ଷା ସହିତ ଉଚ୍ଚଶିକ୍ଷା ଓ କ୍ୟାମ୍ପସ୍ ପ୍ଲେସ୍ମେଣ୍ଟ ପାଇଁ ସର୍ବଦା ପ୍ରାଧାନ୍ୟ ଦିଆଯାଇଥାଏ। ଚଳିତ ବର୍ଷ କିଟ୍ ପଲିଟେକ୍ନିକ୍କୁ କ୍ୟାମ୍ପସ୍ ପ୍ଲେସ୍ମେଣ୍ଟ ପାଇଁ ୪୦ରୁ ଉର୍ଦ୍ଧ୍ୱ କମ୍ପାନୀ ଆସିଥିବା ବେଳେ ଶେଷବର୍ଷର ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜରେ ନିଯୁକ୍ତି ସୁଯୋଗ ମିଳିଛି।

## ନବୋଦୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ବନ ମହୋତ୍ସବ ପାଳନ



ଭୁବନେଶ୍ୱର, (ପି.ଏନ): ନବୋଦୟ ପୁରାତନ ଛାତ୍ର ସଂଗଠନ, ଓଡ଼ିଶା ଦ୍ୱାରା ଯାଜପୁର, ପୁରୀ ଏବଂ ମୟୂରଭଞ୍ଜରେ ବନ ମହୋତ୍ସବ ପାଳନ କରାଯାଇଛି । ନବୋଦୟ ପୁରାତନ ଛାତ୍ର ସଂଗଠନ, ଓଡ଼ିଶା ଦ୍ୱାରା ଯାଜପୁର, ପୁରୀ ଏବଂ ମୟୂରଭଞ୍ଜରେ ନବୋଦୟ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳ ବୃକ୍ଷ ରୋପଣ କରାଯାଇଛି। ଯାଜପୁର ରେ ପୁରାତନ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧକ୍ଷା ଏବଂ ବିଦ୍ୟାଳୟରେ ଅଧୟନରତ ଛାତ୍ର ଛାତ୍ରୀ ମାନେ ବୃକ୍ଷ ରୋପଣ କରିବା ସହ ପ୍ରତିଟି ବୃକ୍ଷର ଯତ୍ନ ନେବା ପାଇଁ ଛାତ୍ର ଛାତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ନବୋଦୟ ପୁରାତନ ଛାତ୍ର ସଙ୍ଗଠନର ଯୁଗ୍ମ ସମ୍ପାଦକ ଶ୍ରୀ ଅନିଲ ମିଶ୍ରଙ୍କ ସହ ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ବଳିଆସିଂହ, ଅନନ୍ତ ଦାସ, ସତ୍ୟ ରଞ୍ଜନ ସାହୁ, ନିଶୁତ୍ ସୁମନ ଏବଂ ଅନ୍ୟ ପୁରାତନ ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମୟୂରଭଞ୍ଜରେ ସଭାପତି ସଞ୍ଜୟ ନାୟକ ଏବଂ ପୁରୀରେ ଉପସଭାପତି ଦୀପକ ରାଉତ ଏବଂ ସାଇ ପ୍ରସାଦ ବୃକ୍ଷ ରୋପଣର ପରିଚାଳନା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଉଦ୍ଦାମ ସିଂହଙ୍କ ମୃତ୍ୟୁ ବାର୍ଷିକୀ ସଭାରୁ କର୍ଯ୍ୟକର୍ମ ଆରମ୍ଭ ହୋଇଥିଲା। ଯୁଗ୍ମ ସମ୍ପାଦକ ଶ୍ରୀ ମିଶ୍ରଙ୍କ କହିବା ଅନୁଯାୟୀ ଏହି ତିନୋଟି ସ୍ଥାନ ବ୍ୟତୀତ ଅନେକ ପୁରାତନ ନବୋଦୟ ଛାତ୍ର ଛାତ୍ରୀ ମାନେ ସାରା ଓଡ଼ିଶାରେ ଆଜି ବନ ମହୋତ୍ସବ ପାଳନ କରିଛନ୍ତି ଏବଂ ଅନେକ ଜାଗାରେ ବୃକ୍ଷ ରୋପଣ ମଧ୍ୟ କରାଯାଇଛି।

## ଅରୁଣ ଦେ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ବୃକ୍ଷ ରୋପଣ ଏବଂ ସ୍କୁଲ ୟୁନିଫର୍ମ ବଣ୍ଟନ

ବାଲେଶ୍ୱର, (ପି.ଏନ): ବାଲେଶ୍ୱର ଅକ୍ତିଆରପୁର ସ୍ଥିତ "କରୁଣା ଗୌରୀ ଆଶ୍ରୟସ୍ଥଳ" ପରିସରରେ ଥିବା "ଅନ୍ୱେଷ ବାତ୍ସଲ୍ୟ ମମତା ଗୃହ ଏବଂ ପ୍ରତିଭା ମାତୃ ମଙ୍ଗଳ ସେବା କେନ୍ଦ୍ରରେ ରହୁଥିବା ଅନ୍ତେଃବାସୀ ଓ ଅନ୍ତେଃବାସେନୀ ତଥା "ଚାଡ଼ର୍ସ ଇଣ୍ଟୀ ଗ୍ରେଟେଡ ମଡେଲ ସ୍କୁଲ" ରେ ପଢୁଥିବା ଅସହାୟ, ଅବହେଳିତ, ନିଷ୍ପେସିତ ପିଲା ମାନଙ୍କୁ ସଂଗାମୀ ଦଳିତ ନିଷ୍ପେସିତ ମାନଙ୍କର ଅକୁହା ତୁଣ୍ଡ ଦିବଂଗତ ନେତା ଅରୁଣ ଦେ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପୂର୍ବତନ ସାଂସଦ ତଥା ବିଜେଡ଼ି ଜିଲ୍ଲା ସଭାପତି ମୁଖ୍ୟ ଅତିଥି ଇଂ ରବୀନ୍ଦ୍ର କୁମାର ଜେନା ସ୍କୁଲ ୟୁନିଫର୍ମ ବଣ୍ଟନ କରିଥିଲେ। ଏହି ଅବସରରେ ଇଂ ଜେନା ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଦେବା ସହିତ ଅନୁଷ୍ଠାନର କର୍ମକ□ୀ ମାନଙ୍କୁ ମହତ କାମ ନିମନ୍ତେ ସାଧୁବାଦ ଜଣାଇଥିଲେ। ଜଣେ ଅପ୍ରତିଦ୍ୱନ୍ଦି ନେତାଙ୍କର ସ୍ମୃତି ନିମନ୍ତେ ସଭା ଆୟୋଜନ ସହିତ ଛୋଟ ଛୋଟ ପିଲା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ଏକ ମହାନ କାର୍ଯ୍ୟ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଦାଦାଙ୍କର ଅନ୍ତରଙ୍ଗ ସହଯୋଗୀ ଆଇନଜିବୀ ଶାନ୍ତନୁ ଦାସ, ସମାଜସେବୀ ରାଜେନ୍ଦ୍ର ଦାସ, ଆର.ସି.ଏମ୍.ଏସ ସଭାପତି ଅଜୟ କୁମାର ସାମଲ, ସମାଜସେବୀ ରଶ୍ମି ଦାସ, ଅସିତ କୁମାର ଦାସ ଏବଂ ଶ୍ରୀମନ୍ତ ମାଝୀ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଦାଦାଙ୍କ ସ୍ମୃତି ନିମନ୍ତେ ଆଶ୍ରମର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

## ସୁଙ୍ଗୁଡ଼ା ଗ୍ରାମପଂଚାୟତର ବିକାଶରେ ବାଧକ ସାଜିଛନ୍ତି: ସରପଂଚ



ଦର୍ପଣ,(ପିଏନ): ସୁଙ୍ଗୁଡା ପଂଚାୟତ ସଚେତନ ନାଗରିକ ମଂଚ ପକ୍ଷରୁ ଏକ ବୈଠକ ୱାର୍ଡ଼ ସଭ୍ୟ ଗୋଲାମ ଆରିଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଂଚାୟତର ଶତାଧିକ ସଚେତନ ନାଗରିକ ଓ ନିର୍ବାଚିତ ୭ ଜଣ ୱାର୍ଡ଼ ସଭ୍ୟ ସଭ୍ୟା ଯୋଗଦେଇ ବର୍ତମାନର ସରପଂଚଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ତାଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏହି ଅବସରରେ ବହୁ ବକ୍ତାମାନେ ପ୍ରକାଶ କରି କହିଛନ୍ତି ଯେ- ମୁଖ୍ୟମନ୍ତ୍ରୀ ଗ୍ରାମ ପଂଚାୟତକୁ ବିକାଶ ମୂଳକ ଓ ଜନ ହିତକର କାର୍ଯ୍ୟ କରିବା ପାଇଁ ପଂଚାୟତ ରାଜ ବିଭାଗ ଦ୍ୱାରା ପ୍ରମୁଖ ଭୂମିକା ଗ୍ରହଣ କରାଯାଇଥାଏ। ମାତ୍ର ସୁଙ୍ଗୁଡା ପଂଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମପଂଚାୟତର ପୂର୍ବତନ ସରପଂଚଙ୍କ ନେତୃତ୍ୱରେ ଏକ ବିକାଶ ଗ୍ରାମ ପଂଚାୟତରେ ପରିଣତ ହୋଇ ରାଜ୍ୟ ସରକାରଙ୍କ ଠାରୁ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଥିଲା। ବର୍ତମାନ ଦାୟୀତ୍ୱରେ ଥିବା ବ୍ଲକ୍ ଓ ପଂଚାୟତ ପ୍ରଶାସନ ଦାୟିତ୍ୱରେ ଥିବା ପି.ଇ.ଓ. କନିଷ୍ଠ ଯନ୍ତ୍ରୀ ଜି.ଆର୍.ଏସ୍. ଓ ବିଡ଼ିଓ ମହୋଦୟଙ୍କ ସହଯୋଗରେ ଏହା ସଫଳ ହୋଇ ପାରିଥିଲା। ନୂତନ ଭାବେ ନିର୍ବାଚିତ ହୋଇଥିବା ସରପଂଚ ପଂଚାୟତର କୌଣସି ବିକାଶ ମୂଳକ କାର୍ଯ୍ୟରେ ସହଯୋଗ ନକରି ନିଜର କ୍ଷମତାର ଅପବ୍ୟବହାର କରୁଛନ୍ତି। ନୂଆସୁଙ୍ଗଡା ଗ୍ରାମର ବସୁଧା ଯୋଜନାରେ ପାଣି ଯୋଗାଉଥିବା ଇଲେକ୍ଟ୍ରି ଟ୍ରାନ୍ସଫରମର ପୋଡିଯାବା ଯୋଗୁ ୧୫ ଦିନ କାଳ ଗ୍ରାମବାସୀ ପାଣି ପିଇବାରୁ ବଂଚିକ ହେଲେ ମାତ୍ର ସରପଂଚ ବକେୟା ବିଦ୍ୟୁତ ବିଲ୍ ପଇଠ ନକରିଥିବାଯୋଗୁ ଏ ସମସ୍ୟା ଉପୁଜିଥିଲା । ବିଭିନ୍ନ ଗଣମାଧମରେ ପ୍ରକାଶ ୱାର୍ଡ ସଭ୍ୟସଭ୍ୟାଙ୍କ ବୈଠକ ଓ ବିଡିଓଙ୍କ ତାଗିଦ ପରେ ସରପଂଚ ବାଧହୋଇ ବିଦ୍ୟୁତ ବିଲ୍ ପଇଠ କରିବା ଯୋଗୁ ସଙ୍ଗେସଙ୍ଗେ ଟ୍ରାନ୍ସଫରମର ବସିଲା ଓ ଲୋକେ ପାଣି ପାଇଲେ । ପୁର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ୮୩ ଜଣ ହିତାଧିକାରୀଙ୍କ ନାମ ଅନ୍ତର୍ଭୁକ୍ତକୁ ସରପଂଚ ବିରୋଧ କରି ସେମାନଙ୍କ ବିରୁଧରେ ଭୁଲ ତଥ୍ୟ ବ୍ଲକ ପ୍ରଶାସନକୁ ଦେଉଛନ୍ତି । ସରପଂଚଙ୍କ ସ୍ୱାମୀ ଅକ୍ଷୟ କୁମାର ସ୍ୱାଇଁ ପୂର୍ବତନ ସରପଂଚ ଥିବା ସମୟରେ ସରକାରଙ୍କ ତରଫରୁ ପଂଚାୟତ ପାଇଁ ଆସୁଥିବା ଅର୍ଥ ୭ ଲକ୍ଷ ୧୦ ହଜାର ୫ ଶହ ୧ ଟଙ୍କା ଆତ୍ମସାତ୍ କରିଥିବା ଅଡ଼ିଟ୍ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ଫାଙ୍କିବା ପାଇଁ ସରପଂଚ ଓ ତାଙ୍କ ସ୍ୱାମୀ କିଛି ଲୋକଙ୍କୁ ନେଇ ରବିବାର ଛୁଟିଦିନ ସତ୍ୱେ ପଂଚାୟତ କାର୍ଯ୍ୟାଳୟରେ କେଉଁ ଆଧାରରେ ସରପଂଚ ସଭା କରୁଥିଲେ। ଏହାକୁ ଭିତିକରି ପଂଚାୟତର ୱାର୍ଡ଼ ସଭ୍ୟ/ ସଭ୍ୟା ଓ ବୁଦ୍ଧିଜିବୀମାନେ ଏହି ସଭାକୁ ନିନ୍ଦା କରିବା ସହିତ ଏହା କେତେଦୁର ଯୁକ୍ତିଯୁକ୍ତ ଏହାକୁ ଭିତିକରି ସରପଂଚଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡ଼ିଓ ମହୋଦୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ସଭ୍ୟ ବୈକୁଣ୍ଠ ସାହୁ, ଘନଶ୍ୟାମ ବିଶ୍ୱାଳ, ମମତା ବିଶ୍ୱାଳ, ସୀମା ମଲ୍ଲିକ, ବିଜୟ ଲକ୍ଷ୍ମୀ ରାଉତରାୟ, ତବରେଜ ଖାଁ, ବରିଷ୍ଟ ନାଗରିକ ପ୍ରଶନ୍ନ ଚୌଧୁରୀ, ନିରଜଂନ ଜେନା, ସେକ ସନାଉଲ୍ଲା, ରଘୁନାଥ ଜେନା, ସମାଜସେବୀ ପ୍ରଶାନ୍ତ ଜେନା, ଅଟଳ ଜେନା, ଜିତେନ୍ଦ୍ର ସ୍ୱାଇଁ, ପ୍ରିୟବ୍ରତ ଖିଲାର, ରଂଜନ ବାରିକ, ଦିପ୍ତୀକାନ୍ତ ମାହାଲା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସରପଂଚଙ୍କ କାର୍ଯ୍ୟ କଳାପକୁ ନିନ୍ଦା କରିଥିଲେ।

## କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




କଟକ ସଦର ,(ପି.ଏନ):ଭାରତୀୟ ସଭ୍ୟତାର ମାନଦଣ୍ଡ ହେଉଛି । କୃଷି ଓଡ଼ିଆ ସଂସ୍କୃତି ଓ ସଭ୍ୟତାର ମୌଳିକ ଉପାଦାନ। ଭାରତର ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଜୀବନ ଜୀବିକାର ଏକ ମାଧ୍ୟମ କୃଷି। ରାସାୟନିକ ସାରର ପ୍ରଭାବରେ ଏବେ ଜମିରେ ନାନାଦି କ୍ଷତିକାରକ ପ୍ରଭାବ ଦେଖିବାକୁ ମିଳୁଛି। ରୋଗପୋକଙ୍କ ସଂଖ୍ୟା ବଢ଼ିବା ସହ ଏହା ମଣିଷର ସ୍ୱାସ୍ଥ୍ୟ ପକ୍ଷେ ବିଭିନ୍ନ କୁପ୍ରଭାବ ଆଣୁଛି। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷିକୁ ଚାଷୀ ମାନେ ଏବେ ଗୁରୁତ୍ୱ ଦେଉଛନ୍ତି। କଟକ ସ୍ଥିତ ଶ୍ରୀ ଶ୍ରୀ କୃଷି ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ରଛାତ୍ରୀ - ଡି ସ୍ୱାତୀ , ଶିଳ୍ପା ସୁମନ ପାଣି , ଲୋହିତାକ୍ଷ ଦାଶ , ଆୟୁଷ କୁମାର ରାଉତ ପ୍ରମୁଖ କୃଷି ଭି□କ ଗ୍ରାମାଂଚଳ ଅଭିଜ୍ଞତା କାର୍ଯ୍ୟକ୍ରମରେ କଟକ ସଦର ସ୍ଥିତ କଳପଡ଼ା , ବରାଳ ପ୍ରଭୃତି ଗ୍ରାମ ମାନଙ୍କରେରେ ଲୋକମାନଙ୍କୁ ଜିଆଖତ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ବାବା ହଂସନାଥ କୃଷକ ଉତ୍ପାଦକ ସଂଗଠନ ଓ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରା ଲିଃ ସଂଗଠନ ସହାୟତାରେ ପରିଚାଳନା କରାଯାଉଛି। ବ□ମାନ ସାରା ଭାରତରେ ଜୈବିକ କୃଷିକୁ ବେଶୀ ଗୁରୁତ୍ୱ ଦିଆଯାଉଥିବା ସମୟରେ ଜିଆଖତ ଓ ଆଜୋଲା ଜୈବିକ କୃଷିର ଅମୋଘ ଅସ୍ତ୍ର ଭାବେ ଉଭା ହୋଇଛି। କମ୍ ଟଙ୍କା ଓ ସ୍ୱଳ୍ପ ସମୟ ଭିତରେ ରାସାୟନିକ ସାରକୁ ପରିତ୍ୟାଗ କରି କିପରି ଆମେ ଜିଆଖତ ଓ ଆଜୋଲା ପ୍ରସ୍ତୁତ କରି ଜମିରେ ବ୍ୟବହାର କରିପାରିବା , ସେ ବିଷୟରେ ଛାତ୍ରଛାତ୍ରୀ ମାନେ ବୁଝାଇଥିଲେ। ୩ମାସର ବ୍ୟବଧାନରେ ଜିଆଖତ ଆମେ ପ୍ରସ୍ତୁତ କରି ଜମିରେ ବ୍ୟବହାର କରି ରୋଗପୋକ ଦାଉରୁ ରକ୍ଷା ପାଇବା ସହ ଅମଳ ପରିମାଣ ବଢ଼େଇପାରିବା ବୋଲି ଛାତ୍ର ମାନେ ପ୍ରକାଶ କରିଥିଲେ। ଏହା ବ୍ୟତୀତ ଛତୁ ଚାଷ କିପରି ଗାଁ ମାନଙ୍କରେ ମହିଳା ତଥା ବେକାରୀ ଯୁବକ ମାନଙ୍କୁ କର୍ମ ନିଯୁକ୍ତି ଦେଇପାରିବେ , ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦେବୀ ପ୍ରସାଦ ପତି ଓ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରା ଲିଃର ମୁଖ୍ୟ ଡି ଶୁଭମ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଲେଶକମାନଙ୍କୁ କହିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray